### ସଡ଼କ ସୁରକ୍ଷା ସପ୍ତାହ ପାଳନ ଉଦ୍‌ଯାପିତ

# ନିୟମ ଅନୁପାଳନ କଲେ ସଡ଼କ ଦୁର୍ଘଟଣା ଏଡ଼ାଇ ହେବ

ଭଦ୍ରକ,୭ ।୧(ସମିସ)

ଭଦ୍ରକ ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ ଉଦ୍‌ଯାପିତ ହୋଇଯାଇଛି । ସଂସଦୀୟ ସଡ଼କ ସୁରକ୍ଷା କମିଟିର ଅଧ୍ୟକ୍ଷ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ୍, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏଏସ୍‌ପି ବାମଦେବ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ସୂଚନା ଅନୁଯାୟୀ ୨୦୨୨ରେ ସମୁଦାୟ ୩୩୨ଟି ଦୁର୍ଘଟଣା ଘଟିଥିଲା ବେଳେ ୧୭୧ଜଣଙ୍କ ମୃତ୍ୟୁ ଓ ୧୯୫ ଜଣ ଆହତ ହୋଇଥିଲେ । ୨୦୨୩ରେ ସମୁଦାୟ ୨୯୨ଟି ଦୁର୍ଘଟଣାରେ ୧୩୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୨୯ ଜଣଙ୍କ ଆହତ ହୋଇଥିଲେ । ବେପରୁଆ ଗାଡ଼ିଚାଳନା ହିଁ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ନିଶାଗ୍ରସ୍ତ ହୋଇ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର, ଅଧିକ ଜୋରରେ ଗାଡ଼ି ଚାଳନା, ହେଲେମେଟ୍ ସିଟ୍ ବେଲଟ୍ ନ ପିନ୍ଧିବା ଆଦି ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜୀବନ ଦେବା, ପଙ୍ଗୁ ହେବା ଆଦି କାରଣରୁ ନିଜର ତଥା ପରିବାରର କିପରି ଅପୂରଣୀୟ କ୍ଷତି ଘଟୁଛି । ଏଦିଗରେ ସଚେତନତା ଓ ରାସ୍ତାରେ ନିର୍ମାଣ ଜନିତ ତ୍ରୁଟି ସୁଧାର ପାଇଁ ପଦକ୍ଷେପ ନିଆଯିବା ସମ୍ବନ୍ଧରେ ଜିଲ୍ଲାପାଳ ଶ୍ରୀ ବୋନ୍ଦରର ଆଲୋକପାତ କରିଥିଲେ। ଏଏସ୍‌ପି ଶ୍ରୀ ସିଂଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ସଡ଼କ ସୁରକ୍ଷା ଆଇନ୍ ଅବମାନନାରେ ୨୦୨୨ ମସିହାରେ ପୁଲିସ୍ ଦ୍ୱାରା ୧ କୋଟି ୨୬ ଲକ୍ଷ ୭୩ ହଜାର ୬୦୦ ଟଙ୍କା, ୨୦୨୩ ମସିହା ୩ କୋଟି ୨୦ଲକ୍ଷ ୨୯ ହଜାର ୭୦୦ଟଙ୍କା ଏବଂ ଚଳିତ ବର୍ଷ ୭ ଦିନ ମଧ୍ୟେ ସଡ଼କ ସୁରକ୍ଷା ସପ୍ତାହ ପାଳନ ମଧ୍ୟରେ ୯ ଲକ୍ଷ ୪୭ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସପ୍ତାହ ପାଳନ ଆରମ୍ଭରେ ପଦଯାତ୍ରା, ସଚେତନତା ରଥ ଓ ଏଲ୍‌ଇଡି ଭ୍ୟାନ ପରିକ୍ରମା ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ, ବନ୍ତ ଛକ ବସ୍‌ଷ୍ଟାଣ୍ଡରେ ଚକ୍ଷୁ ପରୀକ୍ଷା, ସଚେତନତା ଉଦ୍ଦେଶ୍ୟରେ ସ୍କୁଲ ପିଲାଙ୍କ ମଧ୍ୟରେ ପେଣ୍ଟିଂ, ସ୍ଲୋଗାନ, ବକ୍ତୃତା ଆଦ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଏନ୍‌ଆର୍‌ଆଇ ଓ ସେଣ୍ଟ ଜାଭିୟର ସ୍କୁଲ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମା ମଞ୍ଚ ପରିଚାଳନା କରିଥିଲେ। ଏଆର୍‌ଟିଓ ଶ୍ରୀକାନ୍ତ ଦାସ ଓ ବାମଦେବ ସାହୁ, ଜୁନିୟର ଏମ୍‌ଭିଆଇ ସେକ୍ ଅବଦୁଲ ରହିମ୍, ଟ୍ରାଫିକ୍ ଏସ୍‌ଆଇ ଶର୍ମିଷ୍ଠା ମିଶ୍ର ପ୍ରମୁଖ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।



● ସପ୍ତାହ ମଧ୍ୟରେ ୯.୪୭ ଲକ୍ଷ ଜରିମାନା ଆଦାୟ

● ଦୁଇ ବର୍ଷ ଦୁର୍ଘଟଣାରେ ଯାଇଛି ୪୦୦ ମୁଣ୍ଡ

## ଜଳିଗଲା ଜଳଖିଆ ଦୋକାନ

**ଦୋବଲ,୭ ।୧(ସମିସ):** ଦୋବଲ ଜୋନ ଅନ୍ତର୍ଗତ ଖଡିପଦା ପଞ୍ଚାୟତ ଦକ୍ଷିଣକୁରୁଆ ଛକ ଠାରେ ଥିବା ଏକ ଜଳଖିଆ ଦୋକାନରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଭାବେ ଭସ୍ମୀଭୂତ ହୋଇଯାଇଛି। ଏହି ଅଗ୍ନିକାଣ୍ଡ ସ୍ଥାନୀୟ ଗ୍ରାମର ଆନନ୍ଦ ସାହୁଙ୍କର ଦୋକାନ ବୋଲି ଜଣାଯାଇଛି। ସ୍ଥାନୀୟ ଲୋକ ଓ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଆନନ୍ଦଙ୍କ ଦୋକାନ ଘରେ ଥିବା ସମସ୍ତ ତେଜରାତି ଜିନିଷ ସହିତ ଆସବାସପତ୍ର ପୋଡ଼ି ଭସ୍ମୀଭୂତ ହୋଇଛି ତେବେ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

## ସ୍ୱାସ୍ଥ୍ୟବୀମା ଦାବି କଲା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ

**ଭଦ୍ରକ,୭।୧(ସମିସ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନର ୭୯ତମ ପ୍ରତିଷ୍ଠା ଦିବସ ଆଜି ଭଦ୍ରକ ସହିଦ୍ ସ୍ମୃତି ଭବନରେ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫେଡ଼େରେସନର ପୂର୍ବତନ ମହାସଚିବ ସଚ୍ଚିଦାନନ୍ଦ ରାଉତଙ୍କ ଦ୍ୱାରା ସଂଘୀୟ ପତାକା ଉତ୍ତୋଳନ କରାଯାଇଥିଲା। ରାଜ୍ୟ ସଂଘର ମହାସଚିବ ଚାରୁଲତା ମହାପାତ୍ରଙ୍କ ନେତୃତ୍ୱରେ ୫ଶହରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ସଂଘର ପ୍ରତିଷ୍ଠାତା ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରିଥିଲେ। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବାବୁଲା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନର ପୂର୍ବତନ ମହାସଚିବ ସଚ୍ଚିଦାନନ୍ଦ ରାଉତ, ଓଷ୍ଟା ସଂଘର ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ ଦାସ, ଯାଜପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଜୟ ନାୟକ, ଜିଲ୍ଲା ସଂଘର ପୂର୍ବତନ ସଭାପତି ଭାସ୍କର ପାଢ଼ୀ, ସୁରେନ୍ଦ୍ର ମଲ୍ଲିକ, ପ୍ରମୋଦ ତ୍ରିପାଠୀ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ।

ସଂଗଠନ ତରଫରୁ ସରକାରଙ୍କୁ ପୂର୍ବରୁ ଦିଆଯାଇଥିବା ୩ ଦଫା ଦାବି ପୂରଣ କରିବା ନିମନ୍ତେ ପ୍ରସ୍ତାବ ରଖାଯାଇଥିଲା। ଏଥିସହିତ ପ୍ରାଥମିକ ସ୍ତରରେ କାର୍ଯ୍ୟରତ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟବୀମା ଯୋଜନା ପରିସର ଭୁକ୍ତ କରିବା, ବିଦ୍ୟାଳୟ ମିଶ୍ରଣ ବନ୍ଦ କରିବା ଓ ପ୍ରାଥମିକ ଶିକ୍ଷାକୁ '୫-ଟି' ପରିସରଭୁକ୍ତ କରିବା ଇତ୍ୟାଦି ଦାବି ରଖାଯାଇଥିଲା। ଏଥିରେ ସଂପାଦକୀୟ ବିବରଣୀ ପାଠ କରିଥିଲେ ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ମନୋରଞ୍ଜନ ନାୟକ, ଅତିଥି ପରିଚୟ ପ୍ରଦାନ କରିଥିଲେ ଜିଲ୍ଲା ସଂଘର ସହ ସମ୍ପାଦକ ରୂପେଶ କୁମାର ସାହୁ, ଦାବିପତ୍ର ଉପସ୍ଥାପନ କରିଥିଲେ ସଂଗଠନ ସମ୍ପାଦକ ସମୀର କୁମାର ଜେନା। ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଥିଲା।

## ଆଦର୍ଶ ଶିକ୍ଷକଙ୍କୁ ସମ୍ମାନିତ



**ଭଣ୍ଡାରିପୋଖରୀ,୭।୧(ସମିସ):** ଆଦର୍ଶ ପ୍ରଧାନଶିକ୍ଷକ ଉଦୟନାଥ ସେଠୀଙ୍କୁ ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରବିବାର ସମ୍ମାନିତ କରାଯାଇଛି। ଭଦ୍ରକ ସହିଦ ସ୍ମୃତିଭବନରେ ଅନୁଷ୍ଠିତ ସଂଘର ୭୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସଂଘ ସଭାପତି ବାବୁଲା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ସମ୍ମାନିତଅତିଥିଭାବେ ଯୋଗଦେଇ ଅବସରପ୍ରାପ୍ତଶିକ୍ଷକ ଉଦୟନାଥ ରାଉତଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଞ୍ଜନ କମାର ମହାନ୍ତି ଓ ସମ୍ପାଦକ ପ୍ରସନ୍ନ କୁମାର ରଥ ଉପସ୍ଥିତ ଥିଲେ।

## ବିଜୟଗୋବିନ୍ଦ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଭଣ୍ଡାରିପୋଖରୀ,୭।୧(ସମିସ):** କୋରିଗାଁ ବିଜୟ ଗୋବିନ୍ଦ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରଧାନଶିକ୍ଷକ ରଜନୀକାନ୍ତ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର କୁମାର ମହାପାତ୍ର ଓ ସ୍ଥାନୀୟ ଶିକ୍ଷାସଂଯୋଜକ ପ୍ରକାଶ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଉତ୍ସବ ଉଦଘାଟନ କରିଥିଲେ। କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ସିଂଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ବିଭିନ୍ନ ପର୍ଯ୍ୟାୟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ, ଡିସକସ ଥ୍ରୋ ଆଦି ବିଭାଗରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରହଲ୍ଲାଦ ଦାଶ, ପ୍ରଶାନ୍ତକୁମାର ଯେନା, ଉପେନ୍ଦ୍ର ଦେହୁରୀ, ଭଞ୍ଜକିଶୋର ପୁର୍ତ୍ତି, ଲକ୍ଷ୍ମୀପ୍ରଭା ନାୟକ, ଜୟନ୍ତୀ ଭୋଇ, ପ୍ରତୀଶ ପଣ୍ଡା ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀମାନେ ଉତ୍ସବ ପରିଚାଳନା କରିଥିଲେ।

## ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ

**ଆରଡ଼ି,୭ ।୧(ସମିସ):** ସଡକ ସୁରକ୍ଷା ଅଭିଯାନ ସାରା ରାଜ୍ୟରେ ପାଳନ କରାଯାଉଥିବା ବେଳେ ରବିବାର ଭଦ୍ରକ ଜିଲ୍ଲା ଆରଡ଼ିପୀଠ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟ ଭଦ୍ରକଆରଡି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ପରିବାର ତରଫରୁ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ସାମାଜିକ ଅନୁଷ୍ଠାନର ସଭାପତି ମିଥୁନ ଜେନାଙ୍କ ନେତୃତ୍ୱରେ ଏଲିଲତା ନାୟକ, ସମ୍ପାଦିକା ସୁଜାତା ନାୟକ ଏବଂ ଅନୁସୟା ଦାସ, ରଶ୍ମିତା ରାଣୀ ଜେନା, ଦୀପା ଦାସ, କାହ୍ନୁ, ତୃପ୍ତିମୟୀ ବିଶ୍ୱାଳ, ବେବିନା ସାହୁ , ସମ୍ବିତି ସୁମନ ବିଶ୍ୱାଳ, ସମ୍ବିତ ରାୟ, ନିହାର ରଞ୍ଜନ ବିଳାସ, ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ରାସ୍ତାରେ ଯାଉଥିବା ପଥ.ରୀଙ୍କୁ ଗାଡି ଚଳାଇବା ବେଳେ ହେଲେମେଟ ପିନ୍ଧିବା, ସିଟ ବେଲଟ ପିନ୍ଧିବା ଆଦି ବାବଦରେ ସଚେତନତା କରିଥିଲେ।

## 'ସଡ଼କ ସୁରକ୍ଷା ପରିବାର ରକ୍ଷା' କାର୍ଯ୍ୟକ୍ରମ

**ଧାମନଗର,୭ ।୧(ସମିସ):** ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଧାମନଗର ଠାରେ ପୁଲିସ ଓ ପରିବହନ ବିଭାଗ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ଓ ସଡ଼କ ସୁରକ୍ଷା ପରିବାର ରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ଧାମନଗର ଥାନା ପରିସରରେ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂ, ବରେଣ୍ୟ ଅତିଥି ଭାବେ ଆଇଆଇସି ଫନୀନ୍ଦ୍ରଭୂଷଣ ନାୟକ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲ୍ଲା ପରିବହନ ବିଭାଗ ଅଧିକାରୀ ଓ କର୍ମଚାରୀ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖଙ୍କ ସହଯୋଗରେ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ଥିଲା। ହେଲମେଟ ବ୍ୟବହାର କରନ୍ତୁ, ସିଟବେଲଟ ବ୍ୟବହାର କରନ୍ତୁ, ମୋବାଇଲ ବ୍ୟବହାର କରନ୍ତୁ ନାହିଁ, ଗୁତଗତିରେ ଗାଡି ଚଳାନ୍ତୁ ନାହିଁ,ମଦ୍ୟପାନ କରି ଗାଡ଼ି ଚଳାନ୍ତୁ ନାହିଁ,ଟ୍ରାଫିକ ନିୟମ ପାଳନ କରନ୍ତୁ ଆଦି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା । ଏଥିରେ ଏସ୍‌ଆଇ ରାଜେଶ ସେଠୀ, ଗୌରାଙ୍ଗ ଆଇଚ, କୈଳାସ ଚନ୍ଦ୍ର ପରିଡା,ଏଏସଆଇ ସୁରେନ୍ଦ୍ର ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ



**ଚାନ୍ଦବାଲି,୭ ।୧(ସମିସ):** ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ମତୋ କଲ୍ୟାଣୀ ମଣ୍ଡପ ଠାରେ ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମୀ ସମ୍ମିଳନୀରେ ଆଗାମୀ ସାଧାରଣ ନିର୍ବାଚନରେ ଦଳ କିପରି ଅଧିକ ସୁଦୃଢ ହେବ ଏବଂ ନିର୍ବାଚନ ବୈତରଣୀ ପାର ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି କର୍ମୀ ସମ୍ମିଳନୀରେ ମତୋ ପଞ୍ଚାୟତ ସଭାପତି ତଥା ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ ପଲାଇ ସଭାପତିତ୍ୱ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ୨ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ଦୀପକ ରଞ୍ଜନ ରାଉତ ଉପସ୍ଥିତ ରହି ବିଜୁ ସ୍ୱାସ୍ଥ୍ୟ କାର୍ଡ ନବୀନ କାର୍ଡ, ଶ୍ରୀମନ୍ଦିର ପରିକ୍ରମା ରଥ, ଭତ୍ତା ଆଦି ବିଭିନ୍ନ ବିଷୟରେ ବିଧାୟକ ଆଲୋଚନା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ନଜରରେ ମତୋ ପଞ୍ଚାୟତର ବିଜେଡି ସକ୍ରିୟ କର୍ମୀମାନଙ୍କୁ ବିଧାୟକ ଶ୍ରୀରାୟ ଗୁରୁ ମନ୍ତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାନାମ୍ବର ନାୟକ, ଚିତ୍ତରଞ୍ଜନ ସାହୁ, ଉମାକାନ୍ତ ସାମଲ, ନରେଶ ନାୟକ,ସରତ ରାଉତ, ମଧୁସୂଦନ ପଣ୍ଡା, ଭିମଶେନ ସାହୁ, ହାଫିଜ ସାହା, ରମେଶ ସାହୁ, ନାଏବ ସରପଞ୍ଚ ଦୀପକରଞ୍ଜନ ବେହେରା, ବସନ୍ତ ସାହୁ, ସେକ ରମଜାନ, ହାକିମ ଖାଁ, ଦିବ୍ୟ ରଞ୍ଜନ ସାହୁ, ସେକ କଲିମ, ମୁକ୍‌ତାର ଖାଁଙ୍କ ସମେତ ଦଳର ବହୁ ଛାମୁଆ ନେତା ଉପସ୍ଥିତ ଥିଲେ।

### ଫେବୃଆରୀ ୪ରେ ଜିଲ୍ଲାସ୍ତରୀୟ ନୂଆ-ଓ ଉତ୍ସବ

## ଚରମ୍ପା କଲେଜରେ ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା

**ଭଦ୍ରକ, ୭ ।୧(ସମିସ):** ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆଗାମୀ ଫେବୃଆରୀ ୪ରେ ଅନୁଷ୍ଠିତ ହେବାକୁ ଥିବା ଭଦ୍ରକ ଜିଲ୍ଲାସ୍ତରୀୟ ନୂଆ-ଓ ଫେଷ୍ଟ ଉପଲକ୍ଷେ ଚରମ୍ପା ମହାବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ମତେ ମହାବିଦ୍ୟାଳୟର ଅଧ୍ୟକ୍ଷ ପୀତାମ୍ବର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ସୁରୁଖୁରୁରେ ସମ୍ପାଦିତ ହୋଇଛି। ପ୍ରତିଯୋଗିତାରେ ଅନୁଷ୍ଠିତ ହୋଇଥିବା ସମୁଦାୟ ୮ଟି ବର୍ଗ ମଧ୍ୟରେ ଏକକ ନୃତ୍ୟରେ ୨୩ଜଣ, ଦଳଗତ ନୃତ୍ୟରେ ୧୮ଟି କଲେଜ, ଚାରୁ ଏବଂ କାରୁକଳାରେ ୧୧ ଜଣ, ଡ୍ରଇଁରେ ୧୩ଜଣ, ପେଣ୍ଟିଂରେ ୧୦ ଜଣ, ଦଳଗତ ସଙ୍ଗୀତରେ ୩ ଜଣ, ଷ୍ଟାଣ୍ଡ ଅପ୍ କମେଡ଼ିରେ ୧୨ଜଣ ଓ ଏକକ ସଙ୍ଗୀତରେ ୧୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ପାଇଁ ସୁଦେଷ୍ଣା ମହାନ୍ତି, ନୃତ୍ୟ ପାଇଁ ରିଚିସ୍ମିତା ମହାନ୍ତି, କମେଡ଼ି ପାଇଁ ହେମନ୍ତ ନାୟକ ଓ ଡ୍ରଇଁ, ପେଟିଂ, ଚାରୁକାରୁକଳା ପାଇଁ ଚୂଡ଼ାମଣୀ ଦାସ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ମହାବିଦ୍ୟାଳୟର ସଭାପତି ପଦ୍ମନ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ତପନ ନାୟକ ମଞ୍ଚ ପରିଚାଳନା କରିଥିଲେ। ପିଇଟି ଆଲୋକ ସେନାପତିଙ୍କ ସହ ଅଧ୍ୟାପକ ଆଦିଶଙ୍କର କବି, ଲିଟୁନା ରଣା, ସୁନିଲ ପଣ୍ଡା, ସୁଶାନ୍ତ ଶଙ୍ଖୁଆ, ସିଦ୍ଧାନ୍ତ ଲାଲ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।




## ୨୫ରୁ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

**ମଞ୍ଜୁରୀରୋଡ,୭ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରଘୁନାଥପୁର ଖେଳ ପଡିଆ ଠାରେ ଅଦ୍ୱୈତ ନାୟକ ମେମୋରିଆଲ ୧୭ତମ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଚଳିତ ମାସ ୨୫ତାରିଖ ଠାରୁ ଆରମ୍ଭ ହେଉଛି। ପ୍ରଥମ କ୍ୱାର୍ଟର ଫାଇନାଲ ୟୁନିୟନ ସ୍ପୋର୍ଟିଂ କଟକ ସହିତ ନିମପୁର କ୍ରିକେଟ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ୨ୟ କ୍ୱାଟର ଫାଇନାଲ ରାଇଜିଂ ଷ୍ଟୁଡେଣ୍ଟ କଟକ ସହିତ ଜାଗୃତି କ୍ରିକେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ସେହିଭଳି ୨୬ତାରିଖ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ୟୁନିକ୍ୟୁ ଇଲେଭେନ ଭଦ୍ରକ ସହିତ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଓ ଚତୁର୍ଥ କ୍ୱାଟର ଫାଇନାଲ ୟୁନିକ କ୍ରିକେଟ ଏକାଡେମୀ କେଉଁଝର ସହିତ ଡିଆରକେ ବାରିପଦା ମଧ୍ୟରେ ଅନୁଷ୍ଠିତ ହେବ। ୨୭ତାରିଖ ଦିନ ସେମିଫାଇନାଲ ଓ ୨୮ ତାରିଖ ଫାଇନାଲ ଖେଳ ସହିତ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ମଙ୍ଗଳପୁରରେ ୧୮ଟି ପ୍ରକଳ୍ପର ଶିଳାନ୍ୟାସ



**ତିହିଡି, ୭।୧(ସମିସ):** ତିହିଡି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ବିଭିନ୍ନ ଗାଁରେ ୧ କୋଟି ୧୭ ଟଙ୍କା ବ୍ୟୟବରାଦରେ ୧୮ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଆମ ଓଡିଶା ନବୀନ ଓଡିଶା ଯୋଜନାରେ କମାରିଆ, ମଙ୍ଗଳପୁର, କନାଟିଆ ଓ ସନ୍ଥପୁରା ଗାଁରେ ୧୨ଟି ପ୍ରକଳ୍ପ ୫୦ ଲକ୍ଷ ଟଙ୍କା ସମେତ ବିଧାୟକଙ୍କ ହାତପାଣ୍ଠିରୁ ମୋଟ ୧୮ଟି ପ୍ରକଳ୍ପ ଲାଗି ୧ କୋଟି ୧୭ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିରେ ମଠ, ମନ୍ଦିର ଓ ମସଜିଦର ପୁନଃରୁଦ୍ଧାର ସହ ସ୍କୁଲ ଓ ଅଙ୍ଗନୱାଡି ଗୃହ ନିର୍ମାଣ, ପାଚେରି ନିର୍ମାଣ, ରାସ୍ତା ନିର୍ମାଣ, ଖେଳ ପଡିଆ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ରାଶିରେ ତାରିଣୀ ପଡିଆ ନିକଟସ୍ଥ ପଣ୍ଡା ପୋଖରୀର ସୌନ୍ଦର୍ଯ୍ୟକରଣ ଆଦି ଆନ୍ତର୍ଭୁକ୍ତ। ମୁଖ୍ୟଅତିଥିଭାବେ ଯୋଗଦେଇ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପଞ୍ଚାୟତବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ସମିତି ସଭ୍ୟା ତଥା ବ୍ଲକ ଉପାଧ୍ୟକ୍ଷା ସୁଭଦ୍ରା ଶତପଥୀ, ସମାଜସେବୀ ହରିହର ଲେଙ୍କା, କମଳାକାନ୍ତ ଲେଙ୍କା, ପ୍ରବୀର ନାୟକ, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ନାୟକ, ପ୍ରାକ୍ତନ ସରପଞ୍ଚ ସୁରେନ୍ଦ୍ର ନାୟକ ଓ ବୈକୁଣ୍ଠନାଥ ପାଣି, ନିତ୍ୟାନନ୍ଦ ବେହେରା, ପ୍ରିୟବନ୍ଧୁ ମାଝୀ, କିର୍ତ୍ତନ ରାଉତ, ସିନ୍ଦୋଳ ପଞ୍ଚାୟତ ଯୁବ ବିଜେଡି ସଭାପତି ଅରୁଣ ବାରିକ, ଅଭୟ ବିଶ୍ୱାଳ ପ୍ରମୁଖ ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଝାଡେଶ୍ୱର ଜଙ୍ଗଲରେ ବନ୍ଧୁମିଳନ

**ଭଣ୍ଡାରିପୋଖରୀ,୭ ।୧ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଅଧୀନ ଝାଡେଶ୍ୱର ମନ୍ଦିର ଠାରେ ରାମବାଗ ଉଚ୍ଚ ବିଦ୍ୟାଳୟର ୧୯୭୯ ମସିହା ଠାରେ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁ ପ୍ରମୋଦ ମହାନ୍ତିଙ୍କ ବଂଶୀବାଦନ ସମସ୍ତଙ୍କ ହୃଦୟ ଜିଣିଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବ୍ରଜକିଶୋର ନାୟକ, ରାମଚନ୍ଦ୍ର ଦାଶ, ଜଗବନ୍ଧୁ ବଳ, ନରେନ୍ଦ୍ର ପଣ୍ଡା, ପିତାମ୍ବର ପତି, ଲକ୍ଷ୍ମୀ ନାରାୟଣ ମହାନ୍ତି, ବିନୋଦବିହାରୀ ମହାନ୍ତି, ରାଜକିଶୋର ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ନରେନ୍ଦ୍ର ଜେନା, ରାମଚନ୍ଦ୍ର ଜେନା, ପ୍ରଫୁଲ୍ଲ ଦାଶ, ନିର୍ମଳ ରାୟ, ନନ୍ଦ କିଶୋର ସାହୁ, ବଳରାମ ରଣା, ଦେବେନ୍ଦ୍ର ନାୟକ, ନଳିନୀ ରାୟ, କବିସୂର୍ଯ୍ୟ ମିଶ୍ର, ଗୋବିନ୍ଦ ରାଉତ, ପ୍ରସନ୍ନ ପାତ୍ର, ନାରଣ ସାମଲ, ସମାଜସେବୀ ବିଦ୍ୟାଧର ଜେନା ପ୍ରମୁଖ ଯୋଗଦେଇଥିଲେ।

### ଭଦ୍ରକ ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## 'ସାଂସ୍କୃତିକ ମହୋତ୍ସବ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥାଏ'

ଭଦ୍ରକ,୭ ।୧(ସମିସ)

ଭଦ୍ରକ ସାଂସ୍କୃତିକ ମହୋତ୍ସବ ଭାଇଚାରା ସମ୍ପର୍କକୁ ସୁଦୃଢ କରିଥାଏ। ଦୀର୍ଘ ୮ବର୍ଷ ଧରି ଏହି ମହୋତ୍ସବ ଭାଇଚାରା ସମ୍ପର୍କ ସେତୁ ସ୍ଥାପନ କରିବା ସହ ସହରର ବହୁ ମୁରବୀ, ଶିକ୍ଷାବିତ ଓ ବୁଦ୍ଧିଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରି ଆସିଛି। ସମସ୍ତଙ୍କ ନୈତିକ ଦାୟିତ୍ୱ ସହରରେ ଶାନ୍ତି ବଜାୟ ରଖିବା। ଯେଉଁମାନେ ସାଂସ୍କୃତିକ ମହୋତ୍ସବ ଜରିଆରେ ଏହି ପରମ୍ପରାକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରି ଚାଲିଛନ୍ତି ସେମାନେ ଧନ୍ୟବାଦର ପାତ୍ର ବୋଲି ଅଷ୍ଟମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଐତିହାସିକ ଗାନ୍ଧୀ ପଡ଼ିଆ ଠାରେ ଅଷ୍ଟମ ଭଦ୍ରକ ସାଂସ୍କୃତିକ ମହୋତ୍ସବରେ କମିଟିର ସଭାପତି ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଶିଷ୍ଟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ରାଷ୍ଟ୍ରୀୟ ସଦଭାବନା ପୁରସ୍କାରପ୍ରାପ୍ତ ଭଦ୍ରକ ମୁସଲିମ ଜମାତ ସଭାପତି ହାଜି ଅବଦୁଲ ମହମ୍ମଦ ବାରି, ସେକ ଏନାମ, ଅବଦୁଲ ମୁକିତ ଖାଁ, ସେକ ଜକାଉଲା, ସେକ ରାଜୁ, ତାହେର ମହମ୍ମଦ ଓ ସେକ ଜୁଲଫିକର ଅଲ୍ଲୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବନେତା ଆଶିଷ ରାଉତ, କାଉନସିଲରର ସେକ ସଇଦ, ଯୁବନେତା ସୂର୍ଯ୍ୟକୁମାର ଦାସ ଯୋଗଦେଇଥିଲେ। କମିଟିର ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ମାନପତ୍ର ପାଠ, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ସ୍ୱାଗତ ଭାଷଣ, ଉପଦେଷ୍ଟା ଜାନକୀ ପାଢ଼ୀ, ଉପସଭାପତି ମନାରମା ରାୟ, ତେଜସ୍ୱିନୀ ଦାସ, ଶ୍ରାବଣୀ କର, ସସ୍ମିତା ବଳ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଓ ବ୍ୟାଚ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଡ.ହରିହର ନାୟକ, କମିଟିର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି, ପ୍ରଭାତ ଜେନା, ସୀତାକାନ୍ତ ପାଢ଼ୀ, ଆବାହକ ଅବିନାଶ ପଣ୍ଡା, କାର୍ଯ୍ୟକାରୀ ସଭାପତି ଚାରୁଦତ୍ତ ନାୟକ, ଜଗବନ୍ଧୁ ବେହେରା, ପ୍ରଭାତ ଦାସ, ରାଜେଶ ଦାସ, ଶୁଭଦୀପ ମଲ୍ଲିକ, ପ୍ରମୁଖ କାର୍ଯ୍ୟକ୍ରମ ପରି.ଳନାରେ ସହଯୋଗ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମେଲୋଡି କାର୍ଯ୍ୟକ୍ରମରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ଝୁମିଥିଲେ।




ଦ୍ୱାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



୰ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର
ଅବସରପ୍ରାପ୍ତ ସିଡ଼ିଏମ୍‌ଓ
ଆବିର୍ଭାବ: ୧୫-୦୮-୧୯୪୪, ତିରୋଧାନ: ୨୮-୧୨-୨୦୨୩

ବାବା, ବୋଉ ଯିବା ପରେ ତୁମେ ଆମର ସବୁ କିଛି ଥିଲ। ତୁମେ ଥିଲ ମାର୍ଗଦର୍ଶକ। ଶତସିଂହର ବଳ ଓ ପରାକ୍ରମରେ ଆମକୁ ଉଦ୍‌ବୁଦ୍ଧ କରି ଆସୁଥିଲ। କେବଳ ପରିବାରବର୍ଗ ନୁହଁନ୍ତି, ତୁମ ସହକର୍ମୀ ଡାକ୍ତର, ତୁମ ବରିଷ୍ଠ, ଅନୁଜ ଡାକ୍ତରମାନେ ମଧ୍ୟ ତୁମ ଅକାଳ ବିୟୋଗରେ ଖୁବ୍ ମର୍ମାହତ। ପରଲୋକରୁ ସେହି ଅପାଶୋରା ମୁରୁକୁହିଆ ହସ ଓ ସଜଳ ନୟନରେ ଆମପ୍ରତି ସର୍ବଦା ଦୃଷ୍ଟି ରଖିଥାଅ।

-: ଶୋକସନ୍ତପ୍ତ :-
ପୁଅ ଶ୍ରୀନିବାସ(ଗୋପୀ) ବୋହୂ- ପଦ୍ମା, ଝିଅ-ଜ୍ୱାଇଁ: ପଦ୍ମଲତା- ହୃଦାନନ୍ଦ, ଶକୁନ୍ତଳା-ବସନ୍ତ ଏବଂ ସମସ୍ତ ନାତିନାତୁଣୀ -ମୟଙ୍କ, ଅବିନାଶ, ପୂଜା, ରୋଜା, ଟିକୁ ଓ ସାନ୍‌ଭି ତଥା ପରିବାରବର୍ଗ

# ନିର୍ମାଣର ଶେଷ ପର୍ଯ୍ୟାୟରେ ବିଶ୍ୱର ସର୍ବୋଚ୍ଚ ଧ୍ୟାନମଗ୍ନ ଶିବମୂର୍ତ୍ତି

ଯାଜପୁର, ୭।୧(ସମିସ): ଯାଜପୁର ଜିଲ୍ଲା ବରାହ କ୍ଷେତ୍ରରେ ନିର୍ମାଣ ଚାଲିଛି ସୁଉଚ୍ଚ ଧ୍ୟାନମଗ୍ନ ଶିବମୂର୍ତ୍ତି। ଏହି ମୂର୍ତ୍ତି ସାରା ବିଶ୍ୱର ଉଚ୍ଚତମ ମୂର୍ତ୍ତି ହେବ। ଯାଜପୁରରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ୧୮୩ ଫୁଟର ଧ୍ୟାନମଗ୍ନ ଶିବମୂର୍ତ୍ତି ନିର୍ମାଣ ଚାଲିଛି। ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶିବରାତ୍ରିରେ ଏହି ମୂର୍ତ୍ତି ଲୋକାର୍ପଣ ହେବ। ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଏକାଧିକ ମେଗା ପ୍ରକଳ୍ପକୁ ହାତକୁ ନିଆଯାଇଛି। ଏହା ସମ୍ପୂର୍ଣ୍ଣ ହେଲେ ଅଧିକରୁ ଅଧିକ ପର୍ଯ୍ୟଟକ ଜିଲ୍ଲାକୁ ଆସିବେ ବୋଲି ଆଶା କରାଯାଉଛି। ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ବରାହ କ୍ଷେତ୍ରର ବିକାଶ ପାଇଁ ପ୍ରସ୍ତୁତ ହୋଇଛି ଏହି ବ୍ଲୁ ପ୍ରିଣ୍ଟ। ଯାଜପୁରକୁ ଛୁଟିବ ପର୍ଯ୍ୟଟକଙ୍କ ସୁଅ। ଯାଜପୁରରେ ମା' ବିରଜା ମନ୍ଦିର, କୁସୁମା, ଦଶାଶ୍ୱମେଧ ଘାଟ ପରେ ପର୍ଯ୍ୟଟକଙ୍କୁ ଯାଜପୁରକୁ ଆକୃଷ୍ଟ କରିବା ପାଇଁ ଏହି ସୁଉଚ୍ଚ ଶିବମୂର୍ତ୍ତି ନିର୍ମାଣ ଚାଲିଛି। ଆଉ ମାତ୍ର ମାସ କେଇଟା ପରେ ପବିତ୍ର ବୈତରଣୀ ନଦୀ କୂଳରେ ଓଡ଼ିଶାର ଶିବମୂର୍ତ୍ତି ନିର୍ମାଣ ଶେଷ ହେବାକୁ ଯାଉଛି। ତେବେ ଏହି ଶିବ ମୂର୍ତ୍ତିର ଉଚ୍ଚତା ୧୮୩ ଫୁଟ ରହିଛି। ଏହାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭୂମିଠାରୁ ୩୦ ଫୁଟ ଉଚ୍ଚତାରୁ ଏହାର ନିର୍ମାଣ ଆରମ୍ଭ ହୋଇଛି। ଯାହା ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ହେବ। ଯେଉଁ ପ୍ରତିମୂର୍ତ୍ତି ଆଖାପାଖ ୫୦ କିମି ପରିଧି ମଧ୍ୟରେ ସମ୍ପୂର୍ଣ୍ଣ ଦୃଶ୍ୟମାନ ହେବ। ଏଥିସହିତ ବରାହ କ୍ଷେତ୍ରକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ। ମନ୍ଦିରକୁ ଲାଗି ସୁନ୍ଦର ପାର୍କ, ୱାଟର ଫାଉଣ୍ଟେନ ସହିତ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଦିଲ୍ଲୀର ମାତୁରାମ ଆର୍ଟ ନାମକ ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେଇଥିବାବେଳେ ନିର୍ମାଣ ମୂଲ୍ୟ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ବର୍ତ୍ତମାନ ୯୦ ପ୍ରତିଶତ କାମ ସରିଥିବାବେଳେ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଥିବା ଜଣାଯାଇଛି। ଯାହାକି ମୂର୍ତ୍ତି ସମ୍ପୂର୍ଣ୍ଣ ପାଇଁ ୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲାଗିବ ବୋଲି ଆକଳନ କରାଯାଇଛି। ଏହି ମୂର୍ତ୍ତି ନିର୍ମାଣ ପ୍ରଥମଥର ପାଇଁ ହେଉଥିବାରୁ ଏହାର ଫ୍ରେମ୍ ନିର୍ମାଣ ବହୁ ସମୟ ସାପେକ୍ଷ ଓ ବ୍ୟୟବହୁଳ ରହିଛି। ଫାଇଭର ଓ ଷ୍ଟିଲରେ ଏହାର ଫ୍ରେମ ନିର୍ମାଣ କରାଯାଉଛି। ତେବେ ଏହାକୁ ଖରା ଓ ବର୍ଷାରୁ ରକ୍ଷା କରିବା ପାଇଁ କପଡ଼ରେ ମୂର୍ତ୍ତିକୁ ଆଚ୍ଛାଦିତ କରାଯିବ। ମୂର୍ତ୍ତି ନିର୍ମାଣ ଶେଷ ହେଲେ ଏହା ହିଁ ବିଶ୍ୱର ସବୁଠାରୁ ଉଚ୍ଚ ମୂର୍ତ୍ତି ଭାବେ ପରିଚୟ ପାଇବ।

କେବଳ ଏଠାରେ ନିର୍ମାଣ ହେଉଛି, ତାହା ନୁହେଁ ମୂର୍ତ୍ତି ଚାରିପଟେ ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଅନେକ ମନୋରଞ୍ଜନମୂଳକ ପ୍ରକଳ୍ପ ନିର୍ମାଣ କରାଯାଉଛି। ଯାହାକି ଶିବା ଗ୍ୟାଲେରୀ ନାମରେ ନାମିତ କରାଯିବ। ଏହି ପରିକଳ୍ପନା ଶେଷ ହେଲେ ଶିବା ଗ୍ୟାଲେରୀ ଯାଜପୁର ଓ ଓଡ଼ିଶା ପର୍ଯ୍ୟଟନର ଏକ ପ୍ରମୁଖ ଅଂଶ ହେବ। ଦୈନିକ ଏହି ମୂର୍ତ୍ତିକୁ ଦେଖିବା ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିବ ବୋଲି ଆଶା କରାଯାଉଛି। ରାଜ୍ୟରେ ପର୍ଯ୍ୟଟନକୁ ମିଳିଛି ଶିଳ୍ପର ମାନ୍ୟତା। ତେଣୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହୋଇପାରିଲେ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବେ ଓ ସ୍ଥାନୀୟ ବାସିନ୍ଦା ଅଧିକ ଉପକୃତ ହେବା ସହ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହୋଇପାରିବ। ଏହି ବିଶାଳ ମୂର୍ତ୍ତି ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଓ ଏହା ଆଗାମୀ ଶିବରାତ୍ରିରେ ଲୋକାର୍ପଣ ହେବ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।



ଶିବରାତ୍ରିରେ ଲୋକାର୍ପଣ

## ଥାନା ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**ପାଣିକୋଇଲି, ୭।୧(ସମିସ):** ଯାଜପୁର ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ ଜିଲ୍ଲା ମଧ୍ୟରେ ତିନି ଇନ୍ସପେକ୍ଟରଙ୍କ ଅଦଳବଦଳ କରିଛନ୍ତି। ଇନ୍ସପେକ୍ଟର ଅଂଶୁମାଳା ଦାସଙ୍କୁ ଜିଲ୍ଲା ହେଡକ୍ୱାର୍ଟରରୁ ବିଂଝାରପୁର ଥାନା, ଇନ୍ସପେକ୍ଟର ଶଙ୍କର୍ଷଣ ଦଳାଇଙ୍କୁ ବିଂଝାରପୁର ଥାନାରୁ ଟମକା ଥାନା, ଇନ୍ସପେକ୍ଟର ରଞ୍ଜନ କୁମାର ମଲ୍ଲିକଙ୍କୁ ଟମକା ଥାନାରୁ ସୁକିନ୍ଦା ଥାନାକୁ ବଦଳି କରାଯାଇଛି। ଡିଓ ନମ୍ବର ୨୩ ଅନୁଯାୟୀ ତ୍ୱରିତ ସେମାନଙ୍କୁ ଦିଆଯାଇଥିବା ଥାନାରେ ଯୋଗଦେବାକୁ ଦର୍ଶାଯାଇଛି।

## ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମ ପୋଲ ଉଦ୍‌ଘାଟିତ

**ଛତିଆ, ୭।୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ସମିଆ ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମ ସଂଯୋଗୀକରଣ ପୋଲ ପୁନରୁଦ୍ଧାର କରାଯାଇଛି। ପୂର୍ବରୁ ନିର୍ମାଣ ହୋଇଥିବା ଏହି ପୋଲ ନିମ୍ନମାନର କାମ ପାଇଁ ଭାଙ୍ଗିଯାଇଥିଲା। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀଙ୍କ ଦାବି ମୁତାବକ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା। ୧୩ ଲକ୍ଷ ଟଙ୍କା ବ୍ୟୟରେ ପୁନରୁଦ୍ଧାର କାର୍ଯ୍ୟ ସରିବା ପରେ ଆଜି ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମ, ସମିତିସଭ୍ୟା ରେବତୀ ଭୋଇ ଉଦ୍‌ଘାଟନ କରିଛନ୍ତି। ଏ ଅବସରରେ କାର୍ତ୍ତିକ ସାମନ୍ତ, ବଳରାମ ଜେନା, ସୌଭାଗ୍ୟ ସାମଲ, ଅର୍ଜୁନ ତିରିଆ, ତ୍ରିଲୋଚନ ମହାନ୍ତ, ପ୍ରଫୁଲ ମହାନ୍ତ, କୃଷ୍ଣଚନ୍ଦ୍ର ପାତ୍ର, ନରେନ୍ଦ୍ର ମହାନ୍ତ, ଭଜମୋହନ ଭୋଇ ଓ ୱାର୍ଡସଭ୍ୟ ଲବ ଚମ୍ପିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାସ୍ତାଟି କେବଳ ପୂର୍ଣ୍ଣଚନ୍ଦ୍ରପୁର ନୁହେଁ କଟକ ଓ ଢେଙ୍କାନାଳ ଜିଲ୍ଲାକୁ ସଂଯୋଗ କରୁଛି।

## ବିରଳ ପ୍ରଜାତିର ପକ୍ଷୀ ଉଦ୍ଧାର



**ପାଣିକୋଇଲି, ୭।୧(ସମିସ):** ପାଣିକୋଇଲିସ୍ଥ ଆଶୀର୍ବାଦ ଆଗ୍ରୋ ପ୍ରଡ଼କ୍ଟରୁ ଆଜି ଏକ ବିରଳ ପକ୍ଷୀ ଉଦ୍ଧାର କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ମୁଲରୀସ୍ଥ ଆଶୀର୍ବାଦ ରାଇସ ମିଲ୍ ଉପରେ ହଠାତ ଏକ ଧଳା ପକ୍ଷୀ ଆସି ବସିଥିଲା। ଏହାକୁ କର୍ମଚାରୀ ଉଦ୍ଧାର କରି ମ୍ୟାନେଜର ଶରତ ଚନ୍ଦ୍ର ଦାଶଙ୍କୁ ହସ୍ତାନ୍ତର କରିଥିଲେ। କେହି କେହି ଏହାକୁ ଧଳା ପେଚା କହୁଥିବାବେଳେ କେହି କେହି ବିଷ୍ଣୁଙ୍କ ବାହନ ଗରୁଡ ପକ୍ଷୀ ବୋଲି କହିଥିଲେ। ପରେ ବନ ବିଭାଗକୁ ଜଣାଇବା ପରେ ଯାଜପୁରରୋଡ ବନ ବିଭାଗର ଉପଖଣ୍ଡ ଅଧିକାରୀ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବନବିଭାଗ ପକ୍ଷରୁ ନିର୍ମଳ କୁମାର ମଲ୍ଲିକ, ସୋନାଲି ମାଝୀ, ରାଜୁ ମୁଣ୍ଡା ପ୍ରମୁଖ ପହଞ୍ଚି ଉକ୍ତ ବିରଳ ପ୍ରଜାତିର ପକ୍ଷୀକୁ ବନ ବିଭାଗ କାର୍ଯ୍ୟାଳୟକୁ ନେଇଥିଲେ।

## ଅମୃତ ଭାରତ ଏକ୍ସପ୍ରେସ୍‌ର ରହଣି ଦାବି

**ଶଙ୍ଖଚିଲା, ୭।୧(ସମିସ):** ଯାଜପୁରରୋଡ ରେଳ ଷ୍ଟେସନରେ ଅମୃତ ଭାରତ ଏକ୍ସପ୍ରେସର ରହଣୀ ପାଇଁ ରେଳମନ୍ତ୍ରୀଙ୍କୁ ଭେଟିଛନ୍ତି ବିଜେପି ନେତା ବିଶ୍ୱଜିତ ନାୟକ। ଅମୃତ ଭାରତ ଏକ୍ସପ୍ରେସ ମାଲଦାରୁ ବାହାରି ଜଳେଶ୍ୱର, ବାଲେଶ୍ୱର, ସୋର, ଭଦ୍ରକ, କଟକ, ଭୁବନେଶ୍ୱର ଆଦି ଷ୍ଟେସନ ଦେଇ ବାଙ୍ଗାଲୋର ଅଭିମୁଖେ ଯାତ୍ରା କରିବ। କିନ୍ତୁ ଯାଜପୁର-କେନ୍ଦୁଝର ରୋଡ ଷ୍ଟେସନରେ ଏହାର ଷ୍ଟପେଜ୍ ନ ଥିବାରୁ ଏଥିପାଇଁ ଆଜି କୋରେଇ ବିଜେପି ନେତା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଯାଜପୁର-କେନ୍ଦୁଝର ରୋଡ ଷ୍ଟେସନ ଦେଶ ଓ ରାଜ୍ୟର ବାଣିଜ୍ୟ କ୍ଷେତ୍ରରେ ସହଯୋଗ କରିବା ସହ ରେଳ ବିଭାଗର ଅର୍ଥନୈତିକ ଅଭିବୃଦ୍ଧିରେ ବିଶେଷ ଯୋଗଦାନ ରହିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦେଶର ଇସ୍ପାତ ରାଜଧାନୀ କଳିଙ୍ଗନଗର, ଏସିଆ ମହାଦେଶର କ୍ରୋମ ରାଜଧାନୀ ସୁକିନ୍ଦା ଏହି ଷ୍ଟେସନ ଉପରେ ନିର୍ଭରଶୀଳ। ତତ୍‌ସହିତ ଯାଜପୁର ସମେତ ଢେଙ୍କାନାଳ ଓ କେନ୍ଦୁଝରର ଅନେକ ଯାତ୍ରୀ ଯାତାୟାତ ପାଇଁ ଏହି ଷ୍ଟେସନ ଉପରେ ନିର୍ଭର କରନ୍ତି। ଏଥିସହିତ ଶ୍ରୀ ନାୟକ ପୁରୀ-କାମାକ୍ଷା ଏକ୍ସପ୍ରେସର ରହଣୀ, ଯାଜପୁର-କେନ୍ଦୁଝର ରୋଡ, କୋରେଇ, ବରୁଣ୍ଡେଇ, ଦୁଲାଖପାଟଣା ଆଦି ଷ୍ଟେସନର ଉନ୍ନତିକରଣ, ଯାଜପୁର ରୋଡର ସାଇ ମନ୍ଦିର ନିକଟରେ ଓଭରବ୍ରିଜ୍ ଓ ଗୋପବନ୍ଧୁ ଛକରେ ଗଳି ପୋଲ ନିର୍ମାଣ ଆଦି ଅନେକ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

## ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୭।୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ବ୍ୟବସାୟୀ ମଙ୍ଗୁଳି ଦାସ (୫୫)ଙ୍କ ବିୟୋଗ ଘଟିଛି। ବାଲିଚନ୍ଦ୍ରପୁର ବଜାରର ପୁରୁଣା ପୋଲ ନିକଟରେ ମଙ୍ଗୁଳି ଏକ ଜଳଖିଆ ଦୋକାନ କରି ପରିବାର ଚଳାଉଥିଲେ। ୫ ତାରିଖ ସନ୍ଧ୍ୟାରେ ମଙ୍ଗୁଳି ଘରେ ଥିବା ସମୟରେ ହୃଦଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ମାହାଙ୍ଗା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିବାବେଳେ ବଡ଼ପୁଅ ଭାଗବତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଗାଁ ମୁରବୀ ଦାମୋଦର ମହାରଣା, ନାରାୟଣ ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର କୁମାର ସାହୁ, ଆକୁଳାନନ୍ଦ ମହାରଣା, ପ୍ରମିଳା ଦାସ, ସମିତିସଭ୍ୟା ବନ୍ଦିତା ମହାରଣା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା ଶିବିର

ପାଣିକୋଇଲି, ୭।୧(ସମିସ): ଦୃଷ୍ଟିଶକ୍ତିଜନିତ ଦୁର୍ଘଟଣାକୁ ଏଡ଼ାଇବା ଲାଗି ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ଜିଲ୍ଲା ଚିକିତ୍ସା ବିଭାଗ ସହଯୋଗରେ ପାଣିକୋଇଲିସ୍ଥ ମା' ତାରିଣୀ ଟ୍ୟାକ୍ସି ଷ୍ଟାଣ୍ଡ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜିତ ହୋଇଛି। ଉକ୍ତ ଶିବିରରେ ପାଣିକୋଇଲିର ମା' ତାରିଣୀ ଟ୍ୟାକ୍ସି ଷ୍ଟାଣ୍ଡ ସମେତ ପିକଅପ ଆସୋସିଏସନ ଓ ଟ୍ରେକର ଆସୋସିଏସନର ୯୬ ଜଣ ଚାଳକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିବିରକୁ ଯାଜପୁର ପରିବହନ କାର୍ଯ୍ୟାଳୟର ଜୁନିୟର ଏମଭିଆଇ ପ୍ରଦୀପ୍ତ କୁମାର ବେହେରା, କର୍ମଚାରୀ ପରମେଶ୍ୱର ଦାସ, ସର୍ବେଶ୍ୱର ସାହୁ, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ, ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ସମେତ ଟ୍ୟାକ୍ସି ଷ୍ଟାଣ୍ଡର କର୍ମକର୍ତ୍ତା ଦୀପ୍ତିରଞ୍ଜନ ପରିଡ଼ା, ନିରଞ୍ଜନ ନାୟକ, ଦୀପକ କୁମାର ସାହୁ, ଶଙ୍କର୍ଷଣ ନାୟକ, ଅଧିର ସାମଲ, ସୁରେଶ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ମତେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ବିଭାଗ ଡାକ୍ତର ଦେବାଶିଷ ରାଉତ ଚାଳକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

## କୋରେଇ ବ୍ଲକ୍ କୃଷକ ମଞ୍ଚର ବୈଠକ

**ପାଣିକୋଇଲି, ୭।୧ (ସମିସ):** କୋରେଇ ବ୍ଲକ କୃଷକ ମଞ୍ଚର ପଥରପଦା ପଞ୍ଚାୟତର ମା ନେକୁରୁଶୁଣୀଙ୍କ ପୀଠରେ କୃଷକ ନେତା ତଥା ମଞ୍ଚର ସଭାପତି ବଳରାମ ସାହୁଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ କରଦା, ପଥରପଦା, ପାଣିକୋଇଲିର ଚାଷୀ ଯୋଗ ଦେଇଥିଲେ। ଏହି ବୈଠକରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏଥିସହ ଅଞ୍ଚଳର ପରିବା ଚାଷୀଙ୍କ ଉତ୍ପାଦିତ ପରିବା ବିକ୍ରି କରିବା ଲାଗି ସାପ୍ତାହିକ ହାଟ, ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ଓ ଭାଗଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କୁ ବୀମାଭୁକ୍ତ ସହିତ ପେନସନ ବ୍ୟବସ୍ଥା, ସେମାନଙ୍କ ପିଲାଙ୍କୁ ମାଗଣାର ଉଚ୍ଚଶିକ୍ଷା ନିମିତ୍ତ ସହାୟତା ପ୍ରଦାନ, କୃଷି ନିମନ୍ତେ ବିଦ୍ୟୁତ ବିଲ୍ ଛାଡ଼ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଗଣେଶ ଚନ୍ଦ୍ର ମଲ୍ଲିକ, କୃପାସିନ୍ଧୁ ସାହୁ, ମାୟାଧର ସାହୁ, ଅଶ୍ୱିନୀ କୁମାର ଜେନା, କୃଷ୍ଣଚନ୍ଦ୍ର ବେହେରା, ବନମାଳୀ ସାହୁ, ଲକ୍ଷ୍ମୀଧର ସାହୁ, କୃଷ୍ଣଚନ୍ଦ୍ର ନାୟକ, ଗଙ୍ଗାଧର ସେନାପତି, ସଦାନନ୍ଦ ସ୍ୱାଇଁ, ବସନ୍ତ କୁମାର ବେହେରା, ପୀତାମ୍ବର ଜେନା, ହୃଷିକେଶ ସାହୁ, ବିପିନ କୁମାର ମହାପାତ୍ର, କାଳନ୍ଦୀ ବେହେରା ପ୍ରମୁଖ ଭାଗ ନେଇଥିଲେ।

## ବିଶ୍ୱଶାନ୍ତି ପାଇଁ ମଶାଲ ଶୋଭାଯାତ୍ରା

**କବାଟବନ୍ଧ, ୭।୧ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରଠାରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜେନାପୁରର ଜନ ଜାଗରଣ ମଞ୍ଚ ଓ ଦୁର୍ନୀତି ବିରୋଧୀ ମଞ୍ଚର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅକ୍ଷୟ କୁମାର ମଳିକଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳର ଲୋକେ ସାମିଲ ହୋଇଥିଲେ। ମଶାଲ ଶୋଭାଯାତ୍ରା ଜେନାପୁର ଥାନାଠାରୁ ବାହାରି ଗ୍ରାମ ପରିକ୍ରମା କରି ବାଲିଯାତ୍ରା ପଡ଼ିଆରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ପରେ ଏଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ପୂର୍ବତନ ସରପଞ୍ଚ ମାୟାଧର ସେଠୀ, ସୁକଦେବ ତରାଇ, ମନୋଜ କୁମାର ସାହୁ, ରଞ୍ଜିତ କୁମାର ଦୋରା, ଲକ୍ଷ୍ମୀଧର ମଲିକ, ଆତୁଳ ସାମଲ ପ୍ରମୁଖ ସାମିଲ ଥିଲେ।

## ବଣମଲ୍ଲୀ ସାହିତ୍ୟ ସଂଗଠନର ଶୀତବସ୍ତ୍ର ବଣ୍ଟନ

**କବାଟବନ୍ଧ, ୭।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପୁରୁଣା ବଉଳମାଳ, ଅଣ୍ଟିଆ ଓ କମାଗଡ଼ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୨୦ଟି ଅସହାୟ ପରିବାରକୁ କମ୍ବଳ ବଣ୍ଟନ କରାଯାଇଛି। ସ୍ଥାନୀୟ ବୃନ୍ଦାଦେଇପୁରର ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ବଣ୍ଟନ କରାଯାଇଛି। ସମାଜସେବୀ ସୁଦର୍ଶନ ପ୍ରଧାନଙ୍କ ଆହ୍ୱାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସଭ୍ୟ ତୀର୍ଥବାସୀ ଦଳାଇ, ପ୍ରମୋଦ ଦଳାଇ, ଡମ୍ବରୁ ଦଳାଇ, ଅନ୍ତର୍ଯ୍ୟାମୀ ବେହେରା, ଧରଣୀଧର ଦଳାଇ, ସିଦ୍ଧାନ୍ତ ପଲାଇ, ଅଭିଷେକ ବରାଳ, ରାଜପ୍ରସାଦ ବେହେରା, ବଳରାମ ସ୍ୱାଇଁ ଓ ସନାତନ କବି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦେବାଶିଷ ସ୍ମାରକୀ କ୍ରିକେଟ୍ ଉଦ୍‌ଘାଟିତ

**ପାଣିକୋଇଲି, ୭।୧(ସମିସ):** ପଥରପଦାସ୍ଥ ନେତାଜୀ ୟୁଥ କ୍ଲବ୍ ଆନୁକୂଲ୍ୟରେ ସପ୍ତମ ବାର୍ଷିକ ଦେବାଶିଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ୮ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିବ। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଗ୍ରାମ ମୁରବୀ ମଦନ ମୋହନ ବେହେରା, ମଧୁସୂଦନ ସାହୁ, ସନ୍ତୋଷ କୁମାର ବେହେରା, ରଘୁନାଥ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଓଚିନ୍ଦା ଓ ନୂଆଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓଚିନ୍ଦା ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା। ଜବାବରେ ନୂଆଗାଁ ୧୧ ଓଭରରେ ୭ ୱିକେଟ ହରାଇ ୮୫ ରନ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଜଗନ୍ନାଥପ୍ରସାଦ ଓ ପଥରପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥପ୍ରସାଦ ୮ ଓଭରରେ ସମସ୍ତ ୱିକେଟ ହରାଇ ୮୫ ରନ ସଂଗ୍ରହ କରିଥିବାବେଳେ ପଥରପଦା ୩ ୱିକେଟରେ ୮୭ ରନ କରି ବିଜୟୀ ହୋଇଥିଲା। ଖେଳକୁ ଦୀପକ ବେହେରା ଓ ରାଜେଶ ବେହେରା ପରିଚାଳନା କରିଥିବାବେଳେ ବିକାଶ ଦାସ ଓ ରଜତ ତରାଇ ସ୍କୋରର, ଗଣେଶ ବାରିକ ଓ ଜୟଦେବ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ।

## ବ୍ଲକ୍‌ସ୍ତରୀୟ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କ୍ରୀଡ଼ା ଉଦ୍‌ଯାପିତ

**ବଡ଼ଚଣା, ୭।୧(ସମିସ)**

ବଡଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଖେଳ ପଡ଼ିଆରେ ବ୍ଲକସ୍ତରୀୟ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ବଡଚଣା ବ୍ଲକର ୪୩ଟି ପଞ୍ଚାୟତର ୧୨୫ ଜଣ କ୍ରୀଡ଼ାବିତ ଖୋଖୋ, କବାଡି, ଫୁଟବଲ, କ୍ରିକେଟ, ହକି ଓ ଭଲିବଲ ଖେଳରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଚାମ୍ପିଅନ୍ ଦଳକୁ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଓ ଅନ୍ତର୍ନିହିତ ଗୁଣାବଳୀକୁ ଉଜ୍ଜିବିତ କରିବା ସହିତ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟାଇବା ସହିତ ପ୍ରତିଯୋଗିତା ମନୋବୃତ୍ତି ସୃଷ୍ଟି ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ନିରଞ୍ଜନ ସେନାପତି, ସଞ୍ଜୟ କୁମାର ସ୍ୱାଇଁ, ସରପଞ୍ଚ ନବଦୀପ ନାୟକ ଓ ଜୟନ୍ତୀ ସ୍ୱାଇଁ ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ଏ ଅବସରରେ ଆୟୋଜିତ କ୍ରିକେଟ୍ ମ୍ୟାଚ୍‌ରେ ସୁଙ୍ଗୁଡ଼ା କ୍ରିକେଟ ଟିମ୍ ବନ୍ଧାଲୋ କ୍ରିକେଟ ଟିମକୁ ପରାସ୍ତ କରି ଚାମ୍ପିଅନ ହେବା ସହ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉନ୍ନିତ ହୋଇଛି। ଫୁଟବଲରେ ରାଧାଦେଇପୁର, କବାଡିରେ ଟିମ୍ ବଡଚଣା, ଭଲିବଲରେ ମହାବିନାୟକ କ୍ଲବ, ରାଧାଦେଇପୁର, ଖୋଖୋରେ କୃଷ୍ଣଶାସନପୁର, ଅଣକା ଚାମ୍ପିଅନ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛି।

## ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା
## ମୃତକଙ୍କ ପରିବାରକୁ ଅର୍ଥ ରାଶି ପ୍ରଦାନ



**କବାଟବନ୍ଧ, ୭।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତର ଉଦ୍ଧବ ବେହେରାଙ୍କୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ କବାଟବନ୍ଧ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ୨ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଉଦ୍ଧବ ବେହେରାଙ୍କ ପୁଅ ସୁରେନ୍ଦ୍ର ବେହେରା ଗତବର୍ଷ ଜୁନ ମାସ ୬ ତାରିଖରେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ପୂର୍ବରୁ ଷ୍ଟେଟ ବ୍ୟାଙ୍କର ଏକ ଗ୍ରାହକ ସେବା କେନ୍ଦ୍ର ପରିଚାଳନା କରୁଥିବା ମୁନା ପଟ୍ଟନାୟକ ମୃତ ସୁରେନ୍ଦ୍ରଙ୍କ ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନାରେ ଏକ ଇନ୍ୟୁରାନ୍ସ କରାଇଥିଲେ। ଯାହାକି ମୃତକଙ୍କ ପରିବାର ଜାଣି ନ ଥିଲେ। ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ମୁନା ପଟ୍ଟନାୟକ ଏକଥା ତାଙ୍କ ପରିବାରକୁ ଜଣାଇ ଆବଶ୍ୟକ କାଗଜପତ୍ର ବ୍ୟାଙ୍କରେ ଦାଖଲ କରିଥିଲେ। ଶନିବାର ବ୍ୟାଙ୍କ କର୍ତ୍ତୃପକ୍ଷ ଉଦ୍ଧବ ବେହେରାଙ୍କୁ ଡକାଇ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଟଙ୍କା ପାଇ ଉଦ୍ଧବ ବହୁତ ଖୁସି ହେବା ସହିତ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଗ୍ରାହକ ସେବା କେନ୍ଦ୍ରର ମୁନା ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ।

## ପଣ୍ଡିତ ଲକ୍ଷ୍ମୀଧର ଦାଶଙ୍କ ସ୍ମୃତିଚାରଣ ସଭା

**ସିଂହପୁର, ୭।୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ଗ୍ରାମର ପଣ୍ଡିତ ଲକ୍ଷ୍ମୀଧର ଦାଶଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, କିଶୋର ମିଶ୍ର, ସୁରପ୍ରସାଦ ମିଶ୍ର, ଅଧ୍ୟାପକ ଅଜୟ ଓଝା, ଅଟଳ ବିହାରୀ ନାୟକ, ଗଙ୍ଗାଧର ଦାଶ, ଶ୍ରୀଧର ମିଶ୍ର, ପ୍ରଫୁଲ୍ଲ କୁମାର ପରିଡ଼ା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ତ୍ରିଲୋଚନ ପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଛତ୍ରପଡ଼ାର କଣ୍ଟାବଣିଆଠାରେ ଥିବା ଉଚ୍ଚବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରି ସେହିଠାରେ ଅବସର ଗ୍ରହଣ କରିଥିଲେ। ଅବସର ଗ୍ରହଣ ପରେ ବିନା ମୂଲ୍ୟରେ ସଂସ୍କୃତ ଶିକ୍ଷାଦାନ କରୁଥିଲେ। ପୁତ୍ର ଅଧ୍ୟାପକ ନୃସିଂହ ଚରଣ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଦିଗରେ ପ୍ରୟାସ କ୍ଲାସେସ୍

# ପ୍ରବେଶିକା ପରୀକ୍ଷାରେ ୧୫୪୦ ଛାତ୍ରଛାତ୍ରୀ

**ବ୍ୟାସନଗର, ୭।୧(ସମିସ)**





**ଗତବର୍ଷ ତୁଳନାରେ ୬୪୦ଜଣ ଅଧିକ ପରୀକ୍ଷାର୍ଥୀ**

**୧୩ରେ ଫଳ ପ୍ରକାଶ, ବଢ଼ିଛି ୫୦ଟି ସିଟ୍**

ଯାଜପୁର ଜିଲ୍ଲା ଶିକ୍ଷାକ୍ଷେତ୍ରରେ ରାଜଧାନୀ ଭୁବନେଶ୍ୱରଠାରୁ ଯେ ବହୁତ ଆଗରେ ତାହାର ପ୍ରମାଣ ରବିବାର ଯାଜପୁର କୋରେଇ ବ୍ଲକ ତଣ୍ଡରାଠାରେ ଥିବା ଶିକ୍ଷାନୁଷ୍ଠାନ ପ୍ରୟାସ କ୍ଲାସେସ୍ ପ୍ରାଙ୍ଗଣରେ ଦେଖିବାକୁ ମିଳିଛି। ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ସିବିଏସଇ ଏକାଦଶ ଶ୍ରେଣୀରେ ନାମଲେଖା ନିମନ୍ତେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପ୍ରୟାସ ପ୍ରବେଶିକା ପରୀକ୍ଷା ନିମନ୍ତେ ରାଜ୍ୟର ଭିନ୍ନ ଭିନ୍ନ ୪ଟି ଶିକ୍ଷାନୁଷ୍ଠାନ (ଯାଜପୁର, ବାଲେଶ୍ୱର, ଭୁବନେଶ୍ୱର, ଅନୁଗୋଳ) ରେ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ କଲେଜ କ୍ୟାମ୍ପସ ଓ ବାହାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା। ଅନଲାଇନ ମାଧ୍ୟମରେ ଆଡମିଶନ ଟେଷ୍ଟରେ ଭାଗନେବାକୁ ଗତବର୍ଷ ୯୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରି ପରୀକ୍ଷା ଦେଇଥିବାବେଳେ ଚଳିତବର୍ଷ ୧୫୪୦ ଜଣ ପରୀକ୍ଷା ଦେବା ଏହି ଶିକ୍ଷାନୁଷ୍ଠାନ ପ୍ରତି ଶତାଧିକ ଛାତ୍ରଛାତ୍ରୀଙ୍କ ସ୍ପୃହଣୀୟତା ଦର୍ଶାଉଛି।

ଚଳିତ ପ୍ରବେଶିକା ପରୀକ୍ଷାରେ ଯାଜପୁରରେ ସର୍ବାଧିକ ୧୦୮୦ ଜଣ, ବାଲେଶ୍ୱରରେ ୩୧୦ ଜଣ, ଭୁବନେଶ୍ୱରରେ ୯୦ ଜଣ ଓ ଅନୁଗୋଳରେ ୮୦ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ଗୋଟିଏ ସିଟିଂ (ସକାଳ ୧୧.୩୦ରୁ ଅପରାହ୍ନ ୧.୩୦)ରେ ରବିବାର ଅନୁଷ୍ଠିତ ହୋଇଥିବା ଏହି ପ୍ରବେଶିକା ପରୀକ୍ଷାରେ ୧୦ମ ଶ୍ରେଣୀ ଗଣିତ ଓ ବିଜ୍ଞାନ ଉପରେ ପ୍ରଶ୍ନ ରହିଥିବାବେଳେ ଆସନ୍ତା ଜାନୁଆରୀ ୧୩ ତାରିଖରେ ଫଳ ଘୋଷଣା କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ପ୍ରୟାସ କ୍ଲାସେସ୍‌ରେ ପାଠ ପଢ଼ିବା ନିମନ୍ତେ ମୋଟ ୩୦୦ଟି ସିଟ ଉପଲବ୍ଧ ରହିଥିବାବେଳେ ରବିବାର ଏଥିନିମନ୍ତେ ୧୫୪୦ ଜଣ ଛାତ୍ରଛାତ୍ରୀ ଆଡମିଶନ ଟେଷ୍ଟ ଦେଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ୧୫୪୦ ଜଣ ଛାତ୍ରଛାତ୍ରୀ ୨୮ଟି ଜିଲ୍ଲାର କୋରାପୁଟ, ଝାରସୁଗୁଡା, ରାୟଗଡ଼ା, ମାଲକାନାଗିରି, ଅନୁଗୋଳ, ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହରରୁ ଆସି ଯାଜପୁର ସମେତ ରାଜ୍ୟର ଅନ୍ୟ ୩ଟି ସେଣ୍ଟରରେ ପ୍ରୟାସ କ୍ଲାସେସରେ ନିଜ ଆଡମିଶନ ପାଇଁ ପରୀକ୍ଷା ଦେଇଛନ୍ତି। ଯାହା ପ୍ରମାଣ କରୁଛି ପ୍ରୟାସ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହିତ ରାଜଧାନୀ ଭୁବନେଶ୍ୱରର ଶିକ୍ଷାନୁଷ୍ଠାନଠାରୁ ଏହାର ଶିକ୍ଷାଦାନର ମାନ ଯେ ଉନ୍ନତ ତାହା ରବିବାରର ଆଡମିଶନ ଟେଷ୍ଟ ପ୍ରମାଣ କରୁଛି।

## ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

# ଧର୍ମଶାଳା, କୁଆଖିଆ ଓ ରସୁଲପୁରରେ ଗୁଆ, ଚାଉଳ ସଂଗ୍ରହ







**ଧର୍ମଶାଳା, ୭ ।୧(ସମିସ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ସାରା ରାଜ୍ୟରେ ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି। ଏ ପରିପ୍ରେକ୍ଷୀରେ ଆଜି ଧର୍ମଶାଳା, କୁଆଖିଆ ଓ ରସୁଲପୁରର ବିଭିନ୍ନ ଗ୍ରାମରେ ରଥ ପରିକ୍ରମା କରି ପ୍ରତି ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଛି। ଶ୍ରୀଜଗନ୍ନାଥଙ୍କ ଭଜନ କୀର୍ତ୍ତନରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇଉଠିଛି। ଜୟ ଜଗନ୍ନାଥ ଧ୍ୱନିରେ ଗାଁ ପ୍ରକମ୍ପିତ ହେଉଛି। ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅର୍ପଣ ରଥ ଦ୍ୱାରା ଅକ୍ଷତ ଓ ଗୁଆ ସଂଗ୍ରହ କାର୍ଯ୍ୟକ୍ରମ ସମୟରେ ଏଭଳି ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଛି। ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ସଂଗ୍ରହ କାର୍ଯ୍ୟକ୍ରମ ୧୧ ତାରିଖ ଯାଏ ୪୫ଟି ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଚାଲିବ। ଆଜି ସୁଦ୍ଧା ଅଞ୍ଜିରା, ଚକ୍ରଧରପୁର, ଏଣ୍ଡଲବା, ପାଖର, କଣ୍ଟିଗଡ଼ିଆ ଓ ଗଙ୍ଗାଧରପୁର ଆଦି ୫ଟି ପଞ୍ଚାୟତରେ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶ୍ରୀଜଗନ୍ନାଥଙ୍କ ଭଜନ କୀର୍ତ୍ତନରେ ଗାଁ ଗଣ୍ଡା କମ୍ପୁଛି। ଅର୍ପଣ ରଥକୁ ସବୁଠି ଭବ୍ୟ ସମ୍ବର୍ଦ୍ଧନା ମିଳୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପଞ୍ଚାୟତ ପିଇଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତରେ ସୁସଜ୍ଜିତ ଜଗନ୍ନାଥଙ୍କ ଅର୍ପଣ ରଥ ବୁଲିବା ସହ ଗୁଆ ଓ ଚାଉଳ ସଂଗ୍ରହ ହେଉଛି। ଏଥିରେ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଭ୍ୟଙ୍କ ସମେତ ଶହ ଶହ ଜଗନ୍ନାଥପ୍ରେମୀ ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଛନ୍ତି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ବିଡିଓ ଦେବେନ୍ଦ୍ର କୁମାର ବଳ ବିଭିନ୍ନ ପଞ୍ଚାୟତ ଗସ୍ତ କରି ସେମାନଙ୍କ ସହ ସାମିଲ ହୋଇ ଉତ୍ସାହ ଯୋଗାଉଥିବା ଦେଖାଯାଇଛି। ଆସନ୍ତା ୧୨ ତାରିଖରୁ ଏ ସବୁକୁ ବ୍ଲକ ସ୍ତରରୁ ନୋଡାଲ ଦାୟିତ୍ୱରେ ରହିଥିବା ଏକ ରଥ ପଞ୍ଚାୟତର ମୁଖ୍ୟ ସ୍ଥାନକୁ ଯାଇ ସଂଗ୍ରହ କରିବ ବୋଲି ନୋଡାଲ ଅଫିସର ଏପିଓ ବିଶ୍ୱଦତ୍ତ ଧଳ ସୂଚନା ଦେଇଛନ୍ତି।

**କୁଆଖିଆ:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ଏ ଅବସରରେ ରାଜ୍ୟ ସରକାର ପ୍ରତ୍ୟେକ ଓଡ଼ିଆଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ପ୍ରତି ପଞ୍ଚାୟତର ସବୁ ଗାଁକୁ ଜଗନ୍ନାଥ ଅର୍ପଣ ରଥ ଯିବ। ପ୍ରତି ଘରୁ ଅକ୍ଷତ ଓ ଗୁଆ ଆଦାୟ ହୋଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ପଠାଯିବ। ଆଜି ଲକ୍ଷ୍ମୀନଗର, ନଠୁଆବର, ବାରବାଟୀ ପଞ୍ଚାୟତର ବେତଣ୍ଡା ଗ୍ରାମ ଶ୍ରୀଜଗନାଥ ମନ୍ଦିରରୁ ଅର୍ପଣ ରଥ ବାହାରିଥିଲା। ସଂକୀର୍ତ୍ତନ ମଣ୍ଡଳୀ ସହ ମହିଳା ଓ ପୁରୁଷ ଜଗନ୍ନାଥପ୍ରେମୀଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ଗାଁ ଦାଣ୍ଡରେ ରଥ ଗଡ଼ିଚାଲିଥିଲା। ଜଗନ୍ନାଥପ୍ରେମ ପ୍ରତି ଘରକୁ ଯାଇ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ମହିଳାମାନେ ଦାଣ୍ଡରେ ଝୋଟି, ଚିତା ପକାଇ କଳସ ସ୍ଥାପନ କରିବା ସହିତ ହୁଳହୁଳି ପକାଇ ବନ୍ଦାପନା କରିଥିଲେ। ଏହି ସମୟରେ ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରଥ ବେତଣ୍ଡା, ଫୁଲାଡି, ଚିତ୍ରକୁଲ, ବାଙ୍କସାହି, କୁସୁନପୁର ଆଦି ଗ୍ରାମ ପରିକ୍ରମା କରି ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା।

**ଶଙ୍ଖଚିଲା:** ରବିବାର ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ଲକ୍ଷ୍ମୀନଗର ଗାଁରୁ ଶୁଭାରମ୍ଭ ହୋଇଛି ଶ୍ରୀଜଗନ୍ନାଥ ଅର୍ପଣ ରଥ। ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏ ନେଇ ଆଜିଠାରୁ ରସୁଲପୁର ବ୍ଲକରେ ରଥ ପରିକ୍ରମା କରି ଗୁଆ ଓ ଚାଉଳ ସଂଗ୍ରହ କରାଯାଇଛି। ଏହି କ୍ରମରେ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତର ବିଭିନ୍ନ ଗାଁରେ ରଥର ଶୁଭାରମ୍ଭ ହୋଇଛି। ପ୍ରଥମେ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ରଥ ବାହାରିଥିଲା। ଏହି ସମୟରେ ଗାଁର ମହିଳା ଓ ଜଗନ୍ନାଥପ୍ରେମୀ ମାନେ ଗାଁ ରାସ୍ତାରେ ମୁରୁଜ, ଝୋଟି ପକାଇ କଳସ ବସାଇ ରଥକୁ ସ୍ୱାଗତ କରିଥିଲେ। ସଂକୀର୍ତ୍ତନର ତାଳେ ତାଳେ ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଥିଲା ସମଗ୍ର ପରିବେଶ। ରଥ ପରିକ୍ରମା ସମୟରେ ମହିଳାମାନେ ବନ୍ଦାପନା କରିବା ସହ ହାତରେ ଆରୁଆ ଚାଉଳ, ଗୁଆ ଅର୍ପଣ କରିଥିଲେ। ରସୁଲପୁର ବ୍ଲକ ଏମଆଇ ଅନୀଲ ଅଞ୍ଚରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁଲିସ ପ୍ରଶାସନ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା, ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବହୁ ଜଗନ୍ନାଥପ୍ରେମୀ ଯୋଗ ଦେଇଥିଲେ।

## ୧୦ରେ ବ୍ୟାସନଗର ପ୍ରେସ୍ ଫୋରମ୍‌ର ବାର୍ଷିକ ଉତ୍ସବ




**ବ୍ୟାସନଗର, ୭ ।୧(ସମିସ):** ବ୍ୟାସନଗର ପ୍ରେସ ଫୋରମର ୧୭ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଆସନ୍ତା ୧୦ ତାରିଖରେ ସନ୍ତରାସ୍ଥ ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ଏ ନେଇ ବୃତ୍ତାନ୍ତ ବୈଠକ ଦଳାସ୍ଥ ଫୋରମ କାର୍ଯ୍ୟାଳୟରେ ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ମଳୟ କୁମାର ମଲ୍ଲିକ ଉତ୍ସବର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବ ୧୦ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ଆରମ୍ଭ ହୋଇ ୧ ଘଟିକାରେ ଶେଷ ହେବ। ଅତିଥି ଭାବେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ସ୍ଥିର ହୋଇଛି। ଏ ଅବସରରେ ୧୪ ଜଣ ପ୍ରତିଭା ଓ ୩ଟି ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମହାଳିକ, ଉପସଭାପତି ଦୟାନିଧି ନାୟକ, ଜ୍ଞାନରଞ୍ଜନ ଓଝା, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ, ବାଇଧର ମାଝୀ, ପ୍ରମୋଦ କୁମାର ପାତ୍ର, ଆଶୁତୋଷ ମିଶ୍ର, ଅସିତାନନ୍ଦ ବିଶ୍ୱାଳ, କୁଞ୍ଜବିହାରୀ ମହାନ୍ତି, ଆଶୁତୋଷ ମହାନ୍ତି, ପ୍ରହଲ୍ଲାଦ ଦେଓ, ପ୍ରକାଶ କୁମାର ସାହୁ, ଚିତ୍ତରଞ୍ଜନ ବୋଇତାଇ, ଦୀପକ ଦାସ, ମାନସ ଆଏଚ, ଜିତେନ୍ଦ୍ର ରାଉତ, ରୁଦ୍ରପ୍ରତାପ ପାଢ଼ୀ, ସଞ୍ଜୟ ସରକାର, ସୁଶାନ୍ତ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଜ୍ଞାନରଞ୍ଜନ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ସୂର୍ଯ୍ୟପ୍ରତାପ




**ବ୍ରହ୍ମବରଦା, ୭।୧(ସମିସ):** ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି କୁନି ସୂର୍ଯ୍ୟପ୍ରତାପ। ଯାଜପୁର ବ୍ଲକ ଅନ୍ତର୍ଗତ ବିଚିତ୍ରପୁର ଗ୍ରାମର ସୂର୍ଯ୍ୟପ୍ରତାପ ସାମଲ ମାତ୍ର ୨ ବର୍ଷ ୭ମାସ ବୟସରେ ଏକ ସମୟରେ ୧୦ଟି ନର୍ସରୀ ରାଇମ୍‌ସ, ସପ୍ତାହକ ୭ ଦିନର ନାମ, ୧୨ ମାସର ନାମ, ୧୦ ପଶୁର ନାମ, ୧୦ ପକ୍ଷୀର ନାମ, ୧୦ଟି ଫୁଲର ନାମ, ୧୦ଟି ଫଳର ନାମ, ୧୫ ପନିପରିବାର ନାମ ଓ ଜାତୀୟ ସଙ୍ଗୀତର ନାମ ସ୍ପଷ୍ଟ ଭାବେ ଇଂରାଜୀରେ କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ନରହରି ସାମଲ ଓ ପିଙ୍କିନା ସାମଲଙ୍କ ପୁତ୍ର ସୂର୍ଯ୍ୟପ୍ରତାପ ବନ୍ଧଡ଼ିହସ୍ଥ ବିଦ୍ୟାଶ୍ରୀ ପବ୍ଲିକ୍ ସ୍କୁଲରେ ପଢୁଛନ୍ତି। ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସହକାରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାରେ ଶ୍ରେଣୀ ଶିକ୍ଷୟିତ୍ରୀ ରେଣୁବାଳା ବେହେରା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପ୍ରଦତ୍ତ ପ୍ରମାଣପତ୍ର ଓ ପଦକ ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ମାଆ ସ୍ୱାଇଁଖଣ୍ଡ ପଞ୍ଚାୟତର ଜଅଁପଡ଼ା ଗ୍ରାମରେ ଅଙ୍ଗନବାଡ଼ି କର୍ମୀ ଭାବେ କାର୍ଯ୍ୟ କରନ୍ତି।

## ଦାନିଆବର କମ୍ୟୁନିଟି ସେଣ୍ଟର ଲୋକାର୍ପିତ

**ବ୍ୟାସନଗର, ୭।୧(ସମିସ):** ଯାଜପୁରରୋଡ ଥାନା ଅର୍ନ୍ତଗତ ରାଛିପୁର ପଞ୍ଚାୟତର ଦାନିଆବର ଗ୍ରାମରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡାଇଙ୍କ ଦ୍ୱାରା ନ୍ୟୁ ଷ୍ଟାଇଲ କମ୍ୟୁନିଟି ସେଣ୍ଟର ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ ଗ୍ରାମର ଯୁବକଙ୍କ ଦ୍ୱାରା ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ସ୍ୱାଗତ କରାଯିବା ସହିତ ଗ୍ରାମରେ ନ୍ୟୁ ଷ୍ଟାଇଲ କ୍ଲବ ପକ୍ଷରୁ ଅନୁଷ୍ଠିତ ରାତ୍ରିକାଳୀନ କ୍ରିକେଟ ମ୍ୟାଚକୁ ମଧ୍ୟ ମନ୍ତ୍ରୀ ଇଂ. ଘଡାଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଭୀମସେନ ଦଳାଇଙ୍କ ସମେତ କ୍ଲବର ସଦସ୍ୟ ରଞ୍ଜନ ମଳିକ, ସୁବଳ ମାଝୀ, ସୁନନ୍ଦ ତରାଇ, ସୂର୍ଯ୍ୟମଣି ଦଳାଇ, ପ୍ରଶାନ୍ତ ବାରିକ, ଶ୍ରୀକାନ୍ତ ବାରିକ, ଶିଶିର ଦଳାଇ, ସୂର୍ଯ୍ୟମଣି ଦାସ, ବଳରାମ ମଳିକ, ଅମୂଲ୍ୟ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।



### ଆକ୍ରମଣ ଘଟଣାରେ ମାମଲା ରୁଜୁ କରି ଧର୍ମଶାଳା ପୁଲିସ ଚୁପ୍

## ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ପୀଡ଼ିତ ପରିବାର




**ପାଣିକୋଇଲି, ୭।୧(ସମିସ):** ମରଣାନ୍ତକ ଆକ୍ରମଣ ଓ ଜାତିଗତ ଆକ୍ଷେପ ହୋଇଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ପକ୍ଷପାତିତା କରି ଗିରଫ ନ କରିବା ଓ ଦଫା କେହଳ କରିବା ପ୍ରତିବାଦରେ ପୀଡ଼ିତ ପରିବାର ଆଜି ପାଣିକୋଇଲିସ୍ଥ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ଗ୍ରାମର ଅନାଦି ମଳିକଙ୍କ ପୁଅ ବୁଲା ମଳିକଙ୍କ ଅଭିଯୋଗ ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଗ୍ରାମର ଚନ୍ଦ୍ରକାନ୍ତ ସେଠୀ, କମଳାକାନ୍ତ ସେଠୀ, ମାଗୁଣୀ ସେଠୀ, ପୀତବାସ ସେଠୀ, ସେରୁ ସେଠୀ ଓ ଜିତେନ୍ଦ୍ର ଦୋରା ପ୍ରମୁଖ ସଂଘବଦ୍ଧ ଭାବେ ହନୁମାନ ମନ୍ଦିର ନିକଟରେ ଗତ ୧ ତାରିଖରେ ବୁଲା ଓ ତାଙ୍କର ଦୁଇଭାଇ ମଦନ ଓ ପଦନକୁ ଅଶ୍ଳୀଳ ଭାବେ ଜାତିଆଣା ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଧରି ଜୀବନରୁ ମାରିଦେବାକୁ ଆକ୍ରମଣ କରିଥିଲେ। ସେମାନଙ୍କ ଆକ୍ରମଣରେ ତିନିଭାଇ ଗୁରୁତର ଆହତ ହୋଇ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇ ଚିକିତ୍ସିତ ହେବାକୁ ଯାଇଥିଲେ। ଏ ନେଇ ବୁଲା ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୪/୨୪ ରୁଜୁ କରିଥିଲା। ମାତ୍ର ପକ୍ଷପାତିତା କରି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରରୋଚନାରେ ଜାତିଆଣା ଓ ୩୦୭ ଦଫା ନ ଲଗାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଫଳରେ ପୀଡ଼ିତ ପରିବାର କାର୍ଯ୍ୟାନୁଷ୍ଠାନ ଦାବି ସାମାଜିକ କର୍ମୀ ମନୋରଂଜନ ଜେନାଙ୍କ ନେତୃତରେ ଆଜି ଆରକ୍ଷୀ ଅଧୀକ୍ଷକଙ୍କୁ ନିଜର ଦାବି ଉପସ୍ଥାପନା କରିବାକୁ ଆସିଥିଲେ। ସେମାନଙ୍କ ଘଟଣାକୁ ଅତିରିକ୍ତ ଏସପି ଅନିରୁଦ୍ଧ ରାଉତରାୟ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ପ୍ରସ୍ତୁତି ବୈଠକ



**ବାରବାଟୀ, ୭ ।୧(ସମିସ):** ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା ପାଇଁ ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ତାରିଖ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେଉଥିବାବେଳେ ଏହା ପୂର୍ବରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ ପାଇଁ ରଥ ପରିକ୍ରମା କରବା ପାଇଁ ଆଜି ରସୁଲପୁର ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା ବୈଠକରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିସହିତ ୧୦ ତାରିଖ ଓ ୧୧ ତାରିଖ ଦୁଇ ଦିନ ଓଡିଶୋ ପଞ୍ଚାୟତରେ ରଥ ପରିକ୍ରମା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ବୈଠକରେ ଓଡ଼ିଶୋ ପଞ୍ଚାୟତ ବିଜେଡି ସଭାପତି ଜ୍ଞାନରଞ୍ଜନ ରଥ ଉପସ୍ଥିତ ରହି ରଥ ପରିକ୍ରମା କାର୍ଯ୍ୟକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମିତିସଭ୍ୟ କାଳୀପ୍ରସନ୍ନ ସାମଲ, ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ପଣ୍ଡା, ପୂର୍ବତନ ସମିତି ସଭ୍ୟ ସୁମନ୍ତ ପଣ୍ଡା, ସମାଜସେବୀ ପ୍ରଫୁଲ୍ଲ ମଲ୍ଲିକ, ରଞ୍ଜନ ପଣ୍ଡା, ଅଶୋକ ସ୍ୱାଇଁ, ଅଭୟ ପରିଡ଼ା, ଅମୀୟ ସାମଲ, ଅଶୋକ କୁମାର ନାୟକ, ଗୌରାଙ୍ଗ ରାଉତ କ୍ଷୀରେଶ୍ୱର ପରିଡ଼ା, ଜୟନ୍ତ ସ୍ୱାଇଁ, ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ସର୍ବଭାରତୀୟ କ୍ରୀଡ଼ାରେ ବିଏସ୍ କଲେଜ ଛାତ୍ରୀଙ୍କ ସଫଳତା

**ବଡ଼ଚଣା, ୭।୧(ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଛାତ୍ରୀ ଅର୍ପିତା ନାୟକ ଓ ଶାନ୍ତି ଭୋଇ କର୍ଣ୍ଣାଟକର ସାଲେମଠାରେ ଅନୁଷ୍ଠିତ ସର୍ବଭାରତୀୟ ଫୁଟବଲ, ଟେନିସ ଚାମ୍ପିଅନସିପରେ ସଫଳତା ହାସଲ କରି ରାଜ୍ୟ ଓ କଲେଜ ପାଇଁ ଗୌରବାନ୍ୱିତ ଆଣିଛନ୍ତି। କ୍ରୀଡା ପ୍ରଶିକ୍ଷକ ଉମାକାନ୍ତ ପୃଷ୍ଟି ଓ ରେଫରୀ ଭାବେ କ୍ରୀଡା ଶିକ୍ଷକ ଅଶୋକ କୁମାର ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନେ ସଫଳତା ପାଇଛନ୍ତି। ଛାତ୍ରୀଙ୍କ ଏହି ସଫଳତା ପାଇଁ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ଶୁଭେଚ୍ଛା ଜଣାଇଛନ୍ତି।

## ମିଶନ ଶକ୍ତି ପକ୍ଷରୁ ବ୍ୟାଙ୍କ ମିତ୍ରଙ୍କୁ ଲ୍ୟାପଟପ୍ ପାଇଁ ଅନୁଦାନ ପ୍ରଦାନ



**ବରୀ, ୭।୧(ସମିସ):** ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପକ୍ଷରୁ ବ୍ୟାଙ୍କ ମିତ୍ରଙ୍କୁ ଲ୍ୟାପଟପ୍ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁଦାନ ରାଶି ପ୍ରଦାନ କରାଯାଇଛି। ବରୀ ବ୍ଲକରେ ମୋଟ୍ ୫ ଜଣ ବ୍ୟାଙ୍କ୍ ମିତ୍ରଙ୍କୁ ଏହି ଅନୁଦାନ ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଗ୍ରାମାଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସୁବିଧା ନିମନ୍ତେ ବ୍ୟାଙ୍କ୍ ମିତ୍ର ସବୁ ପ୍ରକାର ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ରବିବାର ଦିନ ବରୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜାହ୍ନବୀ ମହିଳା ସଂଘ ଆନୁକୂଲ୍ୟରେ ଏହି ଅନୁଦାନ ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ମିଶନ ଶକ୍ତି ଜରିଆରେ ମହିଳାମାନେ କିଭଳି ସଶକ୍ତ ଓ ସ୍ୱାବଲମ୍ବୀ ହୋଇପାରିବେ, ସେ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତିବଦ୍ଧ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଂଘ ସଭାନେତ୍ରୀ ଜ୍ୟୋସ୍ନାରାଣୀ ନାଥଶର୍ମା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ଶର୍ମାଙ୍କ ସମେତ ବିପିଏମ୍ ଅନିରୁଦ୍ଧ ସାହୁ, ବିପିସି ସଂଗ୍ରାମ କୁମାର ବେହେରା, ସମ୍ପାଦକ କାଞ୍ଚନ ଜେନାଙ୍କ ସମେତ ବହୁ ସଦସ୍ୟା ଉପସ୍ଥିତ ଥିଲେ।

## ବସ୍‌ରୁ ସ୍କ୍ରାପ୍ ଜବତ ଘଟଣାରେ ୪ କୋର୍ଟ ଚାଲାଣ

**ପାଣିକୋଇଲି, ୭।୧(ସମିସ):** ପାଣିକୋଇଲି ପୁଲିସ ଦ୍ୱାରା ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ଓ କଟକରୁ କୋଲକାତା ଯାଉଥିବା ଦୁଇଟି ଯାତ୍ରୀବାହୀ ବସ୍‌ରୁ ବିପୁଳ ପରିମାଣର ସ୍କ୍ରାପ ଜବତ କରାଯିବା ସହିତ ଦୁଇ ବସ୍‌ର କଣ୍ଡକ୍ଟର ଓ ହେଲପରଙ୍କୁ ଗିରଫ କରାଯାଇଥିଲା। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତକାଲି ସନ୍ଧ୍ୟାରେ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଖବର ପାଇ ଅଧିକାରୀ ଓ କର୍ମଚାରୀଙ୍କୁ ଗାଡ଼ି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପାଣିକୋଇଲି ଥାନା ସବଇନ୍ସପେକ୍ଟର ପ୍ରକାଶ ପ୍ରଧାନ, ହାବିଲଦାର ସୁଲୋଚନା ବେହେରା, କନେଷ୍ଟବଳ ମନମୋହନ ବାରିକ, ଗୋଲକ ବିହାରୀ ସେଠୀ ଓ ରଞ୍ଜନ ଡାଙ୍ଗିଲ ବସ୍‌ଷ୍ଟପରେ ଗାଡ଼ି ଯାଞ୍ଚ କରିଥିଲେ। ସେଥିରେ ୧୩୦ ବସ୍ତା ସ୍କ୍ରାପ୍ ଆଲୁମିନିୟମ ସହିତ କଟାଯାଇଥିବା ବିଦ୍ୟୁତ ତାର ଥିଲା। ବସ ଦୁଇଟିକୁ ପାଣିକୋଇଲି ଥାନାକୁ ଆଣି ଗାଡ଼ିର କଣ୍ଡକ୍ଟର ଓ ହେଲପରଙ୍କୁ ଗିରଫ କରାଯାଇଥିଲା।

## ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୋର୍ଟଚାଲାଣ

**ପାଣିକୋଇଲି, ୭।୧(ସମିସ):** ମାରପିଟ ଓ ଆକ୍ରମଣ ମାମଲାରେ ପାଣିକୋଇଲି ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ଗତ ୩୧ ତାରିଖ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଡ଼ିଆରେ କେତେକ ବ୍ୟକ୍ତି ରାତିରେ ତାସ ଖେଳୁଥିବାବେଳେ ଅନ୍ୟଏକ ଗୋଷ୍ଠୀ ତାଙ୍କୁ ଉଠାଇ ସେଠାରେ ଖେଳିବାକୁ ବାଧ୍ୟ କରିଥିଲେ। ପ୍ରତିବାଦ କରିବାରୁ ମାରପିଟ କରି କ୍ଷତାକ୍ତ କରିଥିଲେ। ଏ ନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ୧/୨୪ରେ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ପୁଲିସ ପ୍ରଶାନ୍ତ ମଳିକଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଆଜି ପ୍ରଶାନ୍ତଙ୍କୁ ଅଦାଲତ ଚାଲାଣ କରାଯାଇଛି।

## ସରକାରୀ କାମକୁ ଅବସରପ୍ରାପ୍ତ କର୍ମଚାରୀଙ୍କ ବିରୋଧ

**ବ୍ୟାସନଗର, ୭ ।୧(ସମିସ):** ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୩ନଂ ୱାର୍ଡ଼ରେ ପୌରପରିଷଦ ପକ୍ଷରୁ '୫-ଟି' ଅଧୀନସ୍ଥ ମୁକ୍ତା ଯୋଜନାରେ ଏକ ପାର୍କ କାର୍ଯ୍ୟ ପାଇଁ ବ୍ୟାସନଗର ତହସିଲଦାର ଓ ପୌରପରିଷଦର ଅମିନଙ୍କ ଦ୍ୱାରା ଜାଗା ଚିହ୍ନଟ କରାଯାଇଥିଲା। ଜାଗାଟି ସରକାରୀ ଜାଗା ଥିବାବେଳେ ପାରିଷଦ ବୈଠକରେ ଏହାକୁ ମଞ୍ଜୁର କରାଯାଇଥିଲା। ପରେ ଏହି କାର୍ଯ୍ୟ ପୌରପରିଷଦ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏବେ ସେହି ସରକାରୀ ଜାଗା ଉପରେ କାର୍ଯ୍ୟ ଆରମ୍ଭ କରିବାରୁ ସ୍ଥାନୀୟ ଫେରୋକ୍ରୋମ କାରଖାନାରୁ ଅବସର ହୋଇଥିବା ରମେଶ ଚନ୍ଦ୍ର ଲେଙ୍କା ନାମକ ଜଣେ କର୍ମଚାରୀ ଓ ତାଙ୍କ ସ୍ତ୍ରୀ ଏହାକୁ ବିରୋଧ କରିବା ସହିତ ଉକ୍ତ ସ୍ଥାନରେ ସିମେଣ୍ଟ ଖୁଣ୍ଟି ପୋତି, ଜାଲି ଲଗାଇ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଏ ଘଟଣାକୁ ନେଇ ୩ନଂ ୱାର୍ଡର କାଉନସିଲର ଓ ସ୍ଥାନୀୟ ବାସିନ୍ଦା ପୌରପରିଷଦର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।। ପରେ ନିର୍ବାହୀ ଅଧିକାରୀ ତୁରନ୍ତ ଯାଜପୁରରୋଡ୍ ଆଦର୍ଶ ଥାନାକୁ ଘଟଣା ସମ୍ପର୍କରେ ଜଣାଇବା ପରେ ଘଟଣାସ୍ଥଳରେ ଯାଜପୁରରୋଡ୍ ପୁଲିସ କର୍ମଚାରୀ ପହଞ୍ଚି ଖୁଣ୍ଟ ପୋତିବା କାମ ବନ୍ଦ କରିଥିଲେ। ଏହି କାର୍ଯ୍ୟକୁ କିପରି ତୁରନ୍ତ ଆରମ୍ଭ କରାଯିବ ଓ ବାଧା ସୃଷ୍ଟି କରୁଥିବା ସରକାରୀ କର୍ମଚାରୀଙ୍କ ଉପରେ ଆଇନଗତ କାର୍ଯ୍ୟନୁଷ୍ଠାନ ନିଆଯିବ, ତାହା ସ୍ଥାନୀୟ ବାସିନ୍ଦା ଓ କାଉନସିଲର ଦାବି କରିଛନ୍ତି।

## ଡୁବୁରୀ ସମବାୟ ସମିତିରେ ଧାନକ୍ରୟ ଆରମ୍ଭ



**ସୁକିନ୍ଦା, ୭ ।୧(ସମିସ):** ଡୁବୁରୀସ୍ଥ ସୁକିନ୍ଦା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ଡୁବୁରୀ ବାରଗାଡିଆ, ଗୋବରଘାଟି, ସଂସାଇଲୋ, ଓଳିଆ ଆଦି ପଞ୍ଚାୟତର ଚାଷୀ ସିଧାସଳଖ ଡୁବୁରୀ ମଣ୍ଡିରେ ଧାନ ଦେଇଛନ୍ତି। ଉକ୍ତ ମଣ୍ଡିକୁ ଡୁବୁରୀ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବିଜୟ କୁମାର ଦାସ ଉଦଘାଟନ କରିଥିଲେ। ଚଳିତ ବର୍ଷ ସମିତିରେ ୪୭୮ ଜଣ ପଞ୍ଜିକୃତ ଚାଷୀ ଏହି ମଣ୍ଡି ମାଧ୍ୟମରେ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ଦରରେ ଧାନ ବିକ୍ରି କରିବେ। ଚଳିତ ବର୍ଷ ଏହି ମଣ୍ଡିରେ ୨୭ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ ହେବ ବୋଲି ସୋସାଇଟିର ସମ୍ପାଦକ ପ୍ରବୀର କୁମାର ନାୟକ ସୂଚନା ଦେଇଛନ୍ତି।

### ବିଏମ୍‌ଏସ୍‌ଏସ୍ ରାଜ୍ୟସ୍ତରୀୟ କ୍ରିକେଟ୍

## ରାମେଶ୍ୱରକୁ ହରାଇଲା ଗୋପବନ୍ଧୁ କ୍ଲବ୍

**ଦଶରଥପୁର, ୭।୧ (ସମିସ):** ଦଶରଥପୁର ବ୍ଲକ ଚିତାଲୋ ପଞ୍ଚାୟତର ଅଶୋକ ଦାସ କ୍ରିକେଟ ପଡ଼ିଆରେ ଚାଲିଥିବା ଅଷ୍ଟମ ବିଏମ୍‌ଏସ୍‌ଏସ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ଖେଳରେ ଭୁବନେଶ୍ୱରର ରାମେଶ୍ୱର କ୍ରିକେଟ କ୍ଲବ୍‌କୁ କେନ୍ଦ୍ରାପଡ଼ାର ଗୋପବନ୍ଧୁ କ୍ରିକେଟ କ୍ଲବ୍ ପରାସ୍ତ କରିଛି। ରାମେଶ୍ୱର କ୍ଲବ୍ ଟସ୍ ଜିତି ବ୍ୟାଟିଂ କରି ୨୦ ଓଭର ଖେଳି ୬ ୱିକେଟ୍ ବିନିମୟରେ ୧୫୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଗୋପବନ୍ଧୁ କ୍ଲବ୍ ମାତ୍ର ୧୫ ଓଭର ଖେଳି ୩ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା। ଗୋପବନ୍ଧୁ କ୍ଲବ୍‌ର ଗୌରବ ଚୌଧୁରୀ ୩୮ ବଲରୁ ୭୩ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଶୁତୋଷ ପାଣି ଓ ସୁବ୍ରତ ଜେନା ଖେଳ ପରିଚାଳନା କରିଥିଲେ।

# ଚିତ୍ତରଞ୍ଜନ ହତ୍ୟାକାଣ୍ଡ; ୩ ଅଭିଯୁକ୍ତ ଗିରଫ

**ଭଣ୍ଡାରିପୋଖରୀ, ୭।୧(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ୨୦୨୩ ବର୍ଷର ଶେଷ ଦିନରେ ଚିତ୍ତରଞ୍ଜନ ବାରିକ ଓରଫ ଟୁନିଆ (୪୬) ହତ୍ୟା ମାମଲାର ୩ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ସମର୍ଥ ହୋଇଛି। ହତ୍ୟାକାଣ୍ଡର ମୁଖ୍ୟଅଭିଯୁକ୍ତ ତଥା ମୃତ ଚିତ୍ତରଞ୍ଜନଙ୍କ ବଡଭାଇ କାହ୍ନୁଚରଣ ବାରିକକୁ ଶନିବାର ରାତ୍ରରେ ପାଣିକୋଇଲି ଅଞ୍ଚଳରୁ ପୁଲିସ ଗିରଫ କରିଥିଲା। ସେହିପରି ରବିବାର ମାମଲାର ସହ ଅଭିଯୁକ୍ତ କାହ୍ନୁଙ୍କ ପତ୍ନୀ ସତ୍ୟଭାମା ଓ ଝିଅ ଚିନ୍ମୟୀକୁ ଚରମ୍ପା ରେଳଷ୍ଟେସନ ନିକଟରୁ ପୁଲିସ ଗିରଫ କରିଥିବା ଜଣାଯାଇଛି। ଅନ୍ୟପକ୍ଷରେ କଟକ ବଡ଼ଡାକ୍ତରଖାନାରୁ ଚିତ୍ତରଞ୍ଜନଙ୍କ ଶବ ବ୍ୟବଚ୍ଛେଦ ହୋଇ ଫେରିବା ପରେ ଗ୍ରାମ ଶ୍ମଶାନରେ ଅତ୍ୟନ୍ତ ଶୋକାକୂଳ ପରିବେଶରେ ସତ୍କାର କରାଯାଇଛି। ହତ୍ୟା ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଅବିଳମ୍ବେ ଗିରଫ କରାଯିବା ସହ କାଉଣ୍ଟର ମାମଲା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ପୁଲିସ କହିଛି। ଏହି ଘଟଣାରେ ଉଭୟ ପରିବାର ନାହିଁ ନଥିବା ବିପଦରେ ପଡ଼ିଛନ୍ତି। ମୃତ ଚିତ୍ତରଞ୍ଜନ ପରିବାର ଏକମାତ୍ର ରୋଜଗାରକ୍ଷମ ଥିବାରୁ ପରିବାର ଅସହାୟ ହୋଇପଡ଼ିଛି। ସେହିପରି ବଡଭାଇ ପରିବାର ହତ୍ୟାମାମଲାରେ ଛନ୍ଦି ହୋଇ ବିପଦଗ୍ରସ୍ତ ହୋଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ୩୧ ତାରିଖ ଅପରାହ୍ନ ୨ଟାରେ ବଡଭାଇ କାହ୍ନୁ ବାରିକଙ୍କ ପରିବାର ମିଳିତ ଆକ୍ରମଣର ଶିକାର ହୋଇଥିବା ସାନଭାଇ ଚିତ୍ତରଞ୍ଜନ ବାରିକ ଓରଫ ଟୁନିଆ (୪୬) ଶନିବାର ଚିକିତ୍ସାଧୀନ ଅବସ୍ଥାରେ କଟକ ବଡଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି। ଏଥିନେଇ ମୃତକଙ୍କ ପୁତ୍ର ପବିତ୍ର ଏତାଲା ଆଧାରରେ ଥାନାରେ ୪ଜଣଙ୍କ ନାମରେ ୨/୨୪ନଂ ମାମଲା ରଜୁ ହୋଇଥିଲା। ଏହା ଏବେ ହତ୍ୟମାମଲାକୁ ପରିବର୍ତ୍ତନ ହୋଇଛି। ଅଭିଯୋଗ ଅନୁଯାୟୀ ବଡବାପା କାହ୍ନୁ ଦାଣ୍ଡ ଅଳିଆକୁ ଚିତ୍ତଙ୍କ ଘର ଆଡକୁ ପକାଉଥିଲା। ଚିତ୍ତ ଏହାର ପ୍ରତିବାଦ କରିବାରୁ କାହ୍ନୁ, ପତ୍ନୀ ସତ୍ୟଭାମା, ପୁତ୍ର ସିଲୁ, ଝିଅ ଚିନ୍ମୟୀ ମିଳିତ ଭାବେ ମାରଣାସ୍ତ୍ର ସହାୟତାରେ ଆକ୍ରମଣ କରିଥିଲେ। ଏଥିରେ ଗୁରୁତର ଆହତ ହୋଇଥିବା ଚିତ୍ତଙ୍କୁ ପ୍ରଥମେ ଭଣ୍ଡାରିପୋଖରୀରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଭଦ୍ରକ ଓ ଶେଷରେ କଟକ ବଡଡାକ୍ତରଖାନାରେ ଚିକିତ୍ସା କରାଯାଉଥିଲା। ଶନିବାର ଦିନ ୨ଟା ବେଳେ ଚିତ୍ତରଞ୍ଜନ ମୃତ୍ୟୁବରଣ କରିଥିଲେ। ଅନ୍ୟପକ୍ଷରେ କାହ୍ନୁଙ୍କ ପତ୍ନୀ ସତ୍ୟଭାମାଙ୍କ ଅଭିଯୋଗ ଆଧାରରେ ୧/୨୪ନଂ ମାମଲା ଚିତ୍ତ, ପତ୍ନୀ ପ୍ରମିଳା ଓ ପୁତ୍ର ଗୌରଙ୍କ ନାମରେ ରଜୁ କରିଥିଲା।

# ଗଡ଼ିଲା ଜୟ ଜଗନ୍ନାଥ ଅର୍ପଣ ରଥ



**ଆଗରପଡ଼ା, ୭।୧(ସମିସ)**

ବନ୍ତ ବ୍ଲକସ୍ତରୀୟ ଜୟ ଜଗନ୍ନାଥ ଅର୍ପଣ ରଥକୁ ସନ୍ଧ୍ୟାରେ ଆଗରପଡ଼ା ପୁରୁଷଣ୍ଡ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ପ୍ରଫୁଲ୍ଲ ସାମଲ ଶୁଭାରମ୍ଭ କରିଛନ୍ତି। ଏହି ରଥ ବନ୍ତ ବ୍ଲକର ୨୫ଗୋଟି ପଞ୍ଚାୟତ ଅଞ୍ଚଳକୁ ପରିକ୍ରମା କରି ପ୍ରତି ଘରୁ ଅକ୍ଷତ ଓ ଗୁଆ ସଂଗ୍ରହ କରିବ। କୀର୍ତ୍ତନ ମଣ୍ଡଳୀର ମୃଦଙ୍ଗ, ଝାଞ୍ଜ ବାଦନ ସହ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି ସୁସଜ୍ଜିତ ରଥ ନଗର ସଂକୀର୍ତ୍ତନ ମାଧମରେ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ବିଟିପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥଲା। ଏହି ସଂକୀର୍ତ୍ତନ ରଥ ମୋଟ୍ ୧୫ଟି ପଞ୍ଚାୟତ ପରିକ୍ରମା କରି ପ୍ରତ୍ୟେକଙ୍କ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିବ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ସଭ୍ୟା ରୁନିତା ଦାସ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ସଭାପତି ସତ୍ୟ ସାଧନ ବେଜ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ସୁଭଦ୍ରା ସିଂହ, ବିନୋଦିନୀ ମହାନ୍ତି ଅଧ୍ୟାପକ ଡ. ହରିହର ଦାସ, ଜୈନୁଲ ଆବେଦିନ ପ୍ରମୁଖ ଉପସ୍ଥିତ ଥିଲେ।

**ମଞ୍ଜୁରୀରୋଡ/ଭଣ୍ଡାରିପୋଖରୀ:** ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଜୟ ଜଗନ୍ନାଥ ଅର୍ପଣ ରଥ ଶୁଭରମ୍ଭ ହୋଇଛି। ବିଡିଓ ଦେବଦତ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ପରିକ୍ରମା ରଥକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ। ଆଜି ଠାରୁ ଆସନ୍ତା ୧୫ତାରିଖ ଯାଏଁ ସଂକୀର୍ତ୍ତନ ମଣ୍ଡଳୀ ସହ ପରିକ୍ରମା ରଥ ୨୩ଟି ପଞ୍ଚାୟତକୁ ଯାଇ ପରିକ୍ରମା ପ୍ରକଳ୍ପ ଲାଗି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିବ। ପ୍ରଥମ ଦିନରେ ରଥ ସ୍ଥାନୀୟ ରେବୋ, ଫତେପୁର, ମନୋହରପୁର ଗ୍ରାମ ପରିକ୍ରମା କରିଥିବା ଜଣାଯାଇଛି। ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ତହସିଲଦାର ସରୋଜକାନ୍ତ ନାୟକ, ବିଧାୟକଙ୍କ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ବର୍ଷାରାଣୀ ଜେନା, ସମିତିସଭ୍ୟ ବିଷ୍ଣୁଚରଣ ଦାସ ପ୍ରମୁଖ ଯୋଗଦେଇ ପରିକ୍ରମା ରଥକୁ ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ଲଳିତକୁମାର ରାଉତ, ସମାଜସେବୀ ଦେବେନ୍ଦ୍ର ଦାସ, ହେମନ୍ତ ଜେନା, ରାଜେନ୍ଦ୍ର ଖଣ୍ଡାଇ, ସୌମ୍ୟରଞ୍ଜନ ଜେନା, ସତ୍ୟାନନ୍ଦ ମହାପାତ୍ର, ପ୍ରକାଶ ମହାପାତ୍ର, ନାଗେଶ୍ୱର ବେହେରା ପ୍ରମୁଖ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଜିପିଓ ମୀନକେତନ ବାରିକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ରାଜା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଧୂଷୁରୀ, ୭।୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଫଳପୁର ଠାରେ ପଞ୍ଚମବର୍ଷ ରାଜା ସ୍ମାରକୀ କ୍ରିକେଟ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି ସମାଜସେବୀ କ୍ଷୀରୋଦ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ମ୍ୟାଚ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଦୀପ ମହାପାତ୍ର, ଯୁବନେତା ବିଶ୍ୱଜିତ ସାହୁ, କୁମାରେଶ ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ। ମାନସ ରଞ୍ଜନ ପାଢ଼ୀ ବେଦପାଠ କରିଥିଲେ। ଭଦ୍ରକ ଗାନ୍ଧୀଜୀ କ୍ଲବ ଓ ଯାଜପୁର ବିଏମ୍‌ଏସ୍‌ଏସ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭଦ୍ରକ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୯ ରନ କରିଥିବା ବେଳେ ଜବାବରେ ଯାଜପୁର ୧୭ ଓଭରରେ ୭ ୱିକେଟ ହରାଇ ୧୮୪ ରନ କରି ବିଜୟ ଲାଭ କରିଥିଲା। ଉତ୍ତମ ମହାନ୍ତି ଓ ସତ୍ୟଜିତ ସାହୁ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ସ୍ୱୟଂପ୍ରକାଶ ବିଶ୍ୱାଳ, ଶୁଭମ ଖଟୁଆ, ସୁବ୍ରତ ଦାସ, କୁମାରେସ ମହାନ୍ତି ଥିବା ବେଳେ ମନୋରଞ୍ଜନ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଆଦର୍ଶ ଶିକ୍ଷୟିତ୍ରୀଙ୍କ ସ୍ମୃତିସଭା

**ଆରଡ଼ି, ୭।୧(ସମିସ):** ଆରଡ଼ିପୀଠ ନିକଟସ୍ଥ କୁଳେଇପଦା ଗାଁର ଆର୍ଦଶ ଶିକ୍ଷୟିତ୍ରୀ ଭାବେ ପରିଚିତ ଶାନ୍ତିଲତା ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ପରିବାର ଲୋକ। ତାଙ୍କ ଉଦ୍ଦେଶ୍ୟରେ ଅସହାୟ ଶତାଧିକ ଲୋକଙ୍କୁ ଶୀତବସ୍ତ୍ର କମଳ ଆଦି ବଣ୍ଟନ କରିଥିଲେ। ଏହି ଶ୍ରାଦ୍ଧବାର୍ଷିକ ଅବସରରେ ଶାନ୍ତିଲତାଙ୍କର ପ୍ରତିମୂର୍ତ୍ତିକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯିବା ପରେ ଏକ ପୂଜ୍ୟପୂଜା ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାକୁ ଇଂ.ଅଭୟ ସୂତାର ସଭାପତିତ୍ୱ ଭାବେ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ରାମଚନ୍ଦ୍ର ପଣ୍ଡା, ସମ୍ମାନୀୟ ଅତିଥିଭାବେ ଜିଲା ଉପଶିକ୍ଷାଧିକାରୀ ପ୍ରଣୟ ନାୟକ, ପ୍ରବଚନ ସଂଗ୍ରାମ ଆଚାର୍ଯ୍ୟ, ବନ୍ତ ବ୍ଲକ ଶିକ୍ଷାଧିକାରୀ ମଞ୍ଜୁବାଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଲତା ପୂଜ୍ୟପୂଜା ସଂସଦ ପକ୍ଷରୁ ସ୍ୱୟଂଶିଦ୍ଧା ଶାନ୍ତିଲତା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବାବାଜିଚରଣ ପଣ୍ଡା, ବ୍ରହ୍ମାନନ୍ଦ ବିଶ୍ୱାଳ, ରେଣୁବାଳା ସାମଲ, ପାଣ୍ଡବ ବାରିକ, ଲେଖକ ସନ୍ତୋଷ ପାଢ଼ୀ, ସାମ୍ବାଦିକ ବାବାଜିଶଙ୍କର ପାଢ଼ୀ, ସ୍ୱାଧୀନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ୧୧ରୁ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ

**ଭଦ୍ରକ, ୭।୧(ସମିସ):** ଭଦ୍ରକ ହେଉଛି କଳା, ସାହିତ୍ୟ, ସଂସ୍କୃତି ଓ ଲୋକ ନାଟକର ମାଟି। ଏହି ମାଟିର ବହୁ କଳାକାର ଓ ନାଟ୍ୟକାର ଅତୀତରେ ରାଜ୍ୟ ତଥା ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ଭଦ୍ରକ ମାଟିର ଯୋଗ୍ୟ ସନ୍ତାନ କବି ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ପ୍ରସିଦ୍ଧ ଲୋକ ନାଟକ ‘ମୋଗଲ ତାମ୍‌ସା’ରାଜ୍ୟ, ଦେଶ ଓ ବିଦେଶରେ ମଞ୍ଚସ୍ଥ ହୋଇ ବେଶ ସୁଖ୍ୟାତି ଲାଭ କରିଛି। ତେବେ ଏବେ ଜିଲ୍ଲାରେ ନାଟ୍ୟ ପରମ୍ପରା କ୍ରମଶଃ ଲୋପ ପାଇବାରେ ବସିଛି। ପୃଷ୍ଠପୋଷକତା ଓ ଦର୍ଶକଙ୍କ ସଂଖ୍ୟା ହ୍ରାସ ଯୋଗୁଁ ଆଜି ନାଟ୍ୟ ପରମ୍ପରା ହଜି ଯିବାକୁ ବସିଛି। ତେଣୁ ଉଚ୍ଚାଙ୍ଗ ନାଟ୍ୟ ପରମ୍ପରାର ଭଦ୍ରକ ମାଟିରେ ନାଟକ, ଲୋକ ନାଟକ ପରମ୍ପରାକୁ ପୁନର୍ଜୀବିତ କରିବା ଓ ଲୋକଙ୍କୁ ନାଟ୍ୟ ମନସ୍କ କରିବା ପାଇଁ ଜିଲ୍ଲାର ଅଗ୍ରଣୀ ନଟରାଜ ସାଂସ୍କୃତିକ ସଂସ୍ଥା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ପରମ୍ପରା ଆରମ୍ଭ କରିଛି ବୋଲି ଏହି ଅନୁଷ୍ଠାନର ସଭାପତି ଡ.ସୁଧାଂଶୁ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଭଦ୍ରକ ପୁରୁଣା ଓକିଲ ସଂଘ ସମ୍ମିଳନୀ କକ୍ଷରେ ସଭାପତି ଶ୍ରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ନରେନ୍ଦ୍ର ପରିଡ଼ା, ସମାଜସେବୀ ତଥା ନାଟ୍ୟକାର ଲଲାଟେନ୍ଦୁ ମହାନ୍ତି, ଆଇନଜୀବୀ ଶିବପ୍ରସାଦ ମହାନ୍ତି, ବରିଷ୍ଠ କଳାକାର ଦେବବ୍ରତ ମହାନ୍ତି ଓ ନାଟ୍ୟ ନିର୍ଦ୍ଦେଶକ ତାପସ ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ନଟରାଜ ସାଂସ୍କୃତିକ ଅନୁଷ୍ଠାନର ଏକବିଂଶତମ ବାର୍ଷିକୋତ୍ସବ ଅବସରରେ ଆସନ୍ତା ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ନାଟ୍ୟ ମହୋତ୍ସବ-୨୦୨୪ ଭଦ୍ରକ ଟାଉନ ହଲ୍ ଠାରେ ମଞ୍ଚସ୍ଥ ହେବ। ପ୍ରଥମ ସନ୍ଧ୍ୟାରେ ଭଦ୍ରକ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନାଟକ ‘ଭସ୍ମାସୁର କଥା’ ମଞ୍ଚସ୍ଥ ହେଉଥିବା ବେଳେ ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେବେ। ଏଥିରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ସିନେତାରକା ଅଶ୍ରୁମୋଚନ ମହାନ୍ତି ଓ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୨ତାରିଖ ୨ୟ ସନ୍ଧ୍ୟାରେ ଭୁବନେଶ୍ୱରର ‘ମନନ’ସଂସ୍ଥା ପକ୍ଷରୁ ପାଷାଣ୍ଡ ପାଳଭୂତ, ୧୩ରେ କଳାକାର ବାଲେଶ୍ୱର ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ‘କଳାମଲ୍ଲୀ’ ନାଟକ ମଞ୍ଚସ୍ଥ ହେଉଥିବା ବେଳେ ୧୪ତାରିଖ ଶେଷ ସନ୍ଧ୍ୟାରେ କାନ୍‌ମାସ ପାରାଦୀପ ପକ୍ଷରୁ ନାଟକ ‘ମିଥ୍ୟାବାଦୀ ଜିନ୍ଦାବାଦ’ ନାଟକ ମଞ୍ଚସ୍ଥ ହେବ। ନଟରାଜ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ରାଜ୍ୟସ୍ତରୀୟ ନାଟକ ମହୋତ୍ସବକୁ ସଫଳ କରିବା ଦିଗରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରାଯାଇଥିଲା।

# କଲ୍ୟାଣୀ ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ

**ଅସୁରାଳି, ୭।୧(ସମିସ):** ଧାମନଗର ବ୍ଲକ କଲ୍ୟାଣୀ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ରମାକାନ୍ତ ସୂତାରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଧାମନଗର ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂହ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସନ୍ତୋଷ ଦାସ ଯୋଗଦେଇଥିଲେ। କଲ୍ୟାଣୀ ବରିଷ୍ଠ ନାଗରିକ ମଞ୍ଚ ଗତ ୧ବର୍ଷ ହେବ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ତଥା ସ୍ୱଚ୍ଛ ଭାରତ ଅଭିଯାନ ଠାରୁ ଆରମ୍ଭ କରି ଅସହାୟ ଲୋକଙ୍କ ପାଖରେ ପହଞ୍ଚି ଶୁଖିଲା ଖାଦ୍ୟ ଠାରୁ ଆରମ୍ଭ କରି ବୃକ୍ଷରୋପଣ ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଛି। ଆଗାମୀ ଦିନରେ ଗରିବ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ଦେବା ସହ ନିଶା ନିବାରଣ କାର୍ଯ୍ୟକ୍ରମ ଗାଁଗାଁରେ ବୁଲି ଲୋକଙ୍କ ମାନଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ଏବଂ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁଶିଲ ଜେନା, ସମ୍ପାଦକ ନାରାୟଣଚନ୍ଦ୍ର ବାରିକ, ସହସମ୍ପାଦକ ଅନନ୍ତ ଦଳେଇ, କୋଷାଧ୍ୟକ୍ଷ ପାର୍ଥସାରଥୀ ସାହୁ, ସଭ୍ୟ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ପ୍ରଭାକର ଜେନା, ରମାକାନ୍ତ ଦଳାଇ, ରବୀନ୍ଦ୍ର କୁମାର ଦଳାଇ, କଲ୍ୟାଣୀ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଚିନ୍ମୟ ଜେନା, ଦାଶରଥି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଚିନ୍ମୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



# ମଧୁବାବୁ ପେନ୍‌ସନ୍ ବଣ୍ଟନ

**ଚାନ୍ଦବାଲି, ୭।୧(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ବୟସ୍କ ବୃଦ୍ଧ, ବୃଦ୍ଧା ଓ ବିଧବା ମହିଳାମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଡିଓଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ଅଶୋକ ବଳ, ବ୍ଲକ ଉପାଧ୍ୟକ୍ଷ ସରୋଜ ବଳ, ଜିଲ୍ଲା ପରିଷଦ ପ୍ରିନ୍ସ ରାକେଶ ନାୟକ, ବିଶ୍ୱରଞ୍ଜନ ପ୍ରଧାନ, ମାନସ ରଞ୍ଜନ ନାୟକ ଉପସ୍ଥିତ ରହି ଲୋକ ମାନଙ୍କୁ ଭତା ପ୍ରଦାନ କରିଥିଲେ।

# ଓକିଲ ସଂଘ ପ୍ରାକ୍ତନ ସଭାପତିଙ୍କ ଶ୍ରାଦ୍ଧୋତ୍ସବ



**ଭଦ୍ରକ, ୭।୧(ସମିସ):** ଭଦ୍ରକ ଓକିଲ ସଂଘର ସଭାପତି, ବରିଷ୍ଠ ଆଡଭୋକେଟ ତଥା ବେନ୍ତାଳ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିଲ୍ଲୀପ ମହାପାତ୍ରଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧୋତ୍ସବ ତଥା ତୈଳଚିତ୍ର ଅନବରଣ ସମାରୋହ ଭଦ୍ରକ ଟାଉନ ହଲ ସହିଦ ସ୍ମୃତିଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ଓକିଲ ସଙ୍ଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ନିରାକାର ଜେନାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା ଏଥିରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଓକିଲ ସଂଘର ସମ୍ପାଦକ ଦିବ୍ୟାସିଂହ ନାୟକ ଯୋଗଦେଇଥିବା ବେଳେ ଓକିଲ ସଂଘ ଉପସଭାପତି ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଅରୁଣ ଚାନ୍ଦ, ପବନ ଶର୍ମା, ଗଦାଧର ବଳ, ବିଷ୍ଣୁ ମହାପାତ୍ର, ଗିରିଧାରୀ ନାଥ, ସୂର୍ଯ୍ୟକାନ୍ତ କୁଅଁର, ପ୍ରଫୁଲ୍ଲ ସାମଲ, ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ପ୍ରଦୀପ ଜେନା ପ୍ରମୁଖ ନିଜ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଶ୍ରୀମା ଶ୍ରୀଅରବିନ୍ଦ ପାଠଚକ୍ର

**ଧାମନଗର, ୭।୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ନଦୀ ଗାଁ ପଞ୍ଚାୟତ ଅଧୀନସ୍ଥ ଶ୍ରୀମା ଶ୍ରୀ ଅରବିନ୍ଦ ପାଠଚକ୍ର, ନଦୀଗାଁ ପକ୍ଷରୁ ଗୁଣ୍ଡିଚାସାହି ଠାରେ ତୃତୀୟ ବାର୍ଷିକ ସମାରୋହ ଓ ଆନ୍ତଃବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉଦ୍ୟୋକ୍ତା ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଂ.ସୁବାସ ଚନ୍ଦ୍ର କର, ମୁଖ୍ୟବକ୍ତା ଭାବେ ଦେବୀଦତ୍ତ ନାୟକ, ଅନ୍ୟତମ ଅତିଥି ଭାବେ ଶାନ୍ତନୁ ଦାଶ, ମାତୃ ସେବକ ପ୍ରଦୀପ ଜେନା, ଶିକ୍ଷାବିତ ହେମନ୍ତ ସୂତାର, ପଣ୍ଡିତ ନାରାୟଣ ଚନ୍ଦ୍ର ମିଶ୍ର, କବି ଦୟାନିଧି ମିଶ୍ର, ସମାଜସେବୀ ରମେଶଚନ୍ଦ୍ର ବେହେରା, ଉପେନ୍ଦ୍ର ବେହେରା, ଇନ୍ଦ୍ରମଣି ସାହୁ ପ୍ରମୁଖ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ଚୈତନ୍ୟ ସାହୁ, ବିଭୁତିଭୂଷଣ ମହାନ୍ତି, ରବିନାରାୟଣ ସାହୁ, ଅମୃତ ସାହୁ, ବିଜୟ ସାହୁ, ଗୋବିନ୍ଦ ସାହୁ, ସୁବାଶିଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଯୁବ ସାମାଜିକ କର୍ମୀ ମାନସରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କୃତି ଛାତ୍ରଛାତ୍ରୀଙ୍କୁ ପ୍ରଶାମପତ୍ର ପ୍ରଦାନ ସହ ନଦୀଗାଁ ଉଚ୍ଚ ବିଦ୍ୟାଳୟରେ ୨୦୨୩ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ସଂଖ୍ୟା ରଖିଥିବା ଛାତ୍ରୀ ଅଞ୍ଜଳି ନାୟକଙ୍କୁ ମାନପତ୍ର ଓ କୌଶଲ୍ୟା ଦେବୀ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା।

# ମୌଳିକ ସୁବିଧାରୁ ବଞ୍ଚିତ ରାମଚନ୍ଦ୍ରପୁର ପଞ୍ଚାୟତବାସୀ

**ଆଗରପଡ଼ା, ୭।୧(ସମିସ)**

ବନ୍ତ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତରେ ରହିଥିବା ପ୍ରମୁଖ ସମସ୍ୟା ପାନୀୟ ଜଳ, ଯାତାୟାତ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୌଣସି ସୁଧାର ଆସିନି। ବହୁ ଯୋଜନା ଅଧାପନ୍ତରିଆ ଭାବେ ପଡ଼ିରହିଛି। ବସୁଧା ଯୋଜନାରେ ଏହି ପଞ୍ଚାୟତରେ ଏକ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ୫ଟି ପାଣିଟାଙ୍କି ବସିଥିଲେ ମଧ୍ୟ ଏହା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। କେଉଁଠି ପାଇପ ବିଛା କାମ ସରିନାହିଁ ତ ଆଉ କେଉଁଠି ପାଇପ୍ ନଷ୍ଟ ହେବାକୁ ବସିଛି। ସେହିପରି ପଞ୍ଚାୟତ ପାର୍ଶ୍ୱରେ ପ୍ରବାହିତ କପାଳୀ ନଦୀ ଉପରେ ରାମଚନ୍ଦ୍ରପୁର-ପାନପଦୀ ଓ ପାନପଦୀ-କରାଣ୍ଡି ଗଡ଼ିଆକୁ ସଂଯୋଗ ପାଇଁ ପକ୍କା ପୋଲ ନିର୍ମାଣ ହୋଇଛି। ହେଲେ ପୋଲର ଉଭୟପାର୍ଶ୍ୱରେ ଆପ୍ରୋଚ ରୋଡ ନିର୍ମାଣ ହୋଇନଥିବାରୁ ଲୋକେ ସୁଫଳ ପାଇପାରୁନାହାନ୍ତି। ଆପ୍ରୋଚ ରୋଡ ନିର୍ମାଣ ହେଲେ ଏହାର ଅନ୍ୟପାର୍ଶ୍ୱରେ ଥିବା ପାନପଦୀ, ବଳଭଦ୍ରପୁର, ଆଗରପଡ଼ା, ଅଢ଼ାଳପଙ୍କ, ନରସିଂହପୁର ଏବଂ ଜିରିଣା ଆଦି ଗାଁ ସହ ବିଭିନ୍ନ ସ୍ଥାନର ସଂଯୋଗ ସ୍ଥାପନ ହୋଇପାରିବ। ସେହିପରି ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ସୁଦ୍ଧା ଆବଶ୍ୟକୀୟ ଔଷଧ ମିଳିପାରୁନଥିବାରୁ ଲୋକେ ସେବା ପାଇପାରୁନାହାନ୍ତି। ଯଦ୍ୱାରା ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପାଇଁ ୪କିମି ଦୂରରେ ଥିବା ବନ୍ତ କିମ୍ବା ଅଢ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। ରାମଚନ୍ଦ୍ରପୁର ଛକଠାରୁ ସାହରାଗଡ଼ିଆ ଭାୟା କରାଣ୍ଡିଗଡ଼ିଆ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଥିବା ବେଳେ ନିମପଡ଼ା ଗାଁରୁ କପାଳୀ ନଦୀ ପାଖ ଦେଇ ବନ୍ତ -ଆଗରପଡ଼ାକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ କରାଯାଇପାରୁ ନ ଥିବାରୁ ବର୍ଷା ଋତୁରେ କପାଳୀ ନଦୀରେ ବନ୍ୟା ହୋଇ ଉକ୍ତ ଜଳ ଗୃହକୁ ପ୍ରବେଶ କରୁଛି। ଏହା ପାଖରେ ଥିବା ଚାଷ ଜମି ଆଜି ବି ପଡ଼ିଆ ପଡ଼ିଛି। ବିଭିନ୍ନ ଦୃଷ୍ଟି କୋଣରୁ କପାଳୀକ୍ଷେତ୍ର ଉକ୍ତ ପଞ୍ଚାୟତର ପ୍ରମୁଖ ଭୂମିକା ନିର୍ବାହ କରୁଥିବା ସ୍ଥଳେ ଏଠାରେ ନିର୍ମିତ ଶୌଚାଳୟ ଓ କଲ୍ୟାଣମଣ୍ଡପ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ତେଣୁ ସମସ୍ୟା ଜର୍ଜରିତ ପଞ୍ଚାୟତବାସଙ୍କୁ ସେମାନଙ୍କ ମୌଳିକ ସୁବିଧା ଯଥାଶୀଘ୍ର ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



# ବିପର୍ଯ୍ୟସ୍ତ ସୋହଡ଼ା ପ୍ରାଥମିକ ଚିକିତ୍ସାଳୟ
# ଫାର୍ମାସିଷ୍ଟଙ୍କ ଦ୍ୱାରା ରୋଗୀ ଚିକିତ୍ସା

**ଦୋବଲ, ୭।୧(ସମିସ):** ଧାମନଗର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଦୋବଲ ଜୋନ ଅନ୍ତର୍ଗତ ସୋହଡ଼ା ପଞ୍ଚାୟତ ବାଲିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୯୮୨ ମସିହାରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାଏ ୧୫ ହଜାରରୁ ଅଧିକ ଲୋକ ନିର୍ଭର କରିଥାନ୍ତି। ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ନଥିବାରୁ ଓପିଡ଼ି ଖାତା ଅନୁସାରେ ପ୍ରତିଦିନ ଶତାଧିକ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ କର୍ମଚାରୀ, ଆୟୁଷ ଡାକ୍ତର ଓ ଏମ୍‌ବିବିଏସ ଡାକ୍ତର ରହିଛନ୍ତି। ଆୟୁଷ ଡାକ୍ତର ସଞ୍ଜୟ କୁମାର ଭୋଇ ୨ରୁ ୩ଦିନ ମେଡିକାଲରେ ରୋଗୀ ଦେଖୁଥିବା ବେଳେ ପ୍ରତ୍ୟାଶା ଦାସ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନାହାନ୍ତି କି ରୋଗୀ ଦେଖୁନାହିଁନ୍ତି। ନିଜ ଘରେ ରହି ମାସରେ ଦୁଇରୁ ୩ଥର ମେଡିକାଲ ଆସି ଆଟେଣ୍ଡାନ୍ସ କ୍ଲିଅର କରି ଦରମା ନେଉଥିବା ଅଭିଯୋଗ ହୋଇଛି। ଏହି ମେଡିକାଲରେ ଯୋଗଦାନ ଦିନରୁ ଡା. ପ୍ରତ୍ୟାଶା ଏଭଳି ଦରମା ନେଉଥିବା ଅଭିଯୋଗ ହୋଇଛି। ଏଣୁ ଆସୁଥିବା ରୋଗୀମାନଙ୍କୁ ଆଟେଣ୍ଡାନ୍ସ ଭାବେ କାର୍ଯ୍ୟ କରୁଥିବା କହ୍ନେଇ ଚରଣ ଯେନା ଓ ଫାର୍ମାସିଷ୍ଟ ପ୍ରତିମା ଯେନା ରୋଗୀମାନଙ୍କର ପ୍ରେସକ୍ରିପ୍ସନ ସହ ଚିକିତ୍ସା କରି ଔଷଧ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି। ଅଧିକ ଗୁରୁତରଙ୍କୁ ଅନ୍ୟ ଡାକ୍ତରଖାନା ପଠାଇ ଦେଉଥିବା କର୍ମଚାରୀ ଦ୍ୱୟ କହିଛନ୍ତି। ଅନ୍ୟପକ୍ଷେ ଗତ ଗୁରୁବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଅଞ୍ଚଳର ଅସହାୟ ବୃଦ୍ଧା ବୁଲି ସାହୁ ନିଜର ଭଙ୍ଗା ହାତକୁ ଧରି ଚିକିତ୍ସା ପାଇଁ ଡାକ୍ତର ଖାନାରେ ପହଞ୍ଚିଥିଲେ ହେଁ ଡାକ୍ତର ନଥିବାରୁ ଚିକିତ୍ସା ନପାଇଁ ଫେରିଯାଇଥିଲେ। ପ୍ରତ୍ୟେକଦିନ ଏହିଭଳି ବହୁ ସଂଖ୍ୟକ ରୋଗୀ ଚିକିତ୍ସା ନପାଇଁ ଫେରୁଥିବା ସ୍ଥାନୀୟ ଯୁବକ ବନମାଳୀ ଯେନା କହିଛନ୍ତି। ତେବେ ଏନେଇ ଧାମନଗର ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରାଜଦୀପ ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବାରୁ ଫୋନ ଉଠାଇ ନଥିଲେ। ସେହିପରି ତାଙ୍କ ସ୍ଥାନରେ ଥିବା ଭାରପ୍ରାପ୍ତ ଅଧିକାରୀ ମନ୍ମୟ ସାମନ୍ତସିଂହାରଙ୍କୁ ପଚାରିବାରୁ କୁହନ୍ତି; ଡାକ୍ତର ପ୍ରତ୍ୟାଶା ଦାଶ ଗତ ଅକ୍ଟୋବରରୁ ଦୁର୍ଘଟଣା ଗ୍ରସ୍ତ ହୋଇଥିବାରୁ ଛୁଟିରେ ରହିଛନ୍ତି। ତାଙ୍କ ଦରମା ବନ୍ଦ କରାଯାଇଛି। ଅନ୍ୟତମ ଆୟୁଷ ଡାକ୍ତର ସଞ୍ଜୟ କୁମାର ଭୋଇ ଡେପୁଟେସନରେ ଅନ୍ୟତ୍ର ଯାଇଥିବାରୁ ସବୁଦିନ ଏଠାରେ ଉପସ୍ଥିତ ରହିବା ସମ୍ଭବ ହେଉନାହିଁ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

